RNI No.ODIODI/2010/33031
୧୭ ବର୍ଷ Volume-17
ISSUE -185 ସଂଖ୍ୟା-୧୮୫
ଭୁବନେଶ୍ୱର, ବୁଧବାର ୦୭ ଅକ୍ଟୋବର ୨୦୨୬
Bhubaneswar, Wednesday 07 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ବ୍ଲକର ଗଣତନ୍ତ୍ର ବଞ୍ଚାଅ ଶୋଭାଯାତ୍ରା

ନୂଆଦିଲ୍ଲୀ,୬।୧୦(ନିପ୍ର.):: ନିର୍ବାଚନରେ ଅନିୟମିତତା ଅଭିଯୋଗ କରି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ ଆରମ୍ଭ କରିଛି ଗଣତନ୍ତ୍ର ବଞ୍ଚାଅ ଆନ୍‌ଦୋଳନ। ସଂସଦର ମକର ଦ୍ୱାର ଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ କଂଗ୍ରେସ ଠାରୁ ଆରମ୍ଭ କରି ବିଜେଡି ଯାଏ ବିରୋଧୀ ଦଳର ନେତା ଓ ସାଂସଦ ସାମିଲ ହୋଇଛନ୍ତି।

ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ଗଣତନ୍ତ୍ର ବଞ୍ଚାଅ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ରାହୁଲ ଗାନ୍ଧି ଆଜି ବ୍ୟାରିକେଡ ଉପରେ ଚଢ଼ି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାତରେ ତ୍ରିରଙ୍ଗା ଧରି ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ନିର୍ବାଚନ ଓ ଏସ୍‌ଆଇଆରରେ ଅନିୟମିତା ଦାବି କରି ଆଜି ବିରୋଧୀ ଦଳଗୁଡିକ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ସେମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିଶାଳ ବିକ୍‌ଷୋଭ ଶୋଭାଯାତ୍ରା ଆରମ୍ଭ କରିଛନ୍ତି।

ବିରୋଧୀ ସଦସ୍ୟମାନେ ସଂସଦ ଠାରୁ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଡକୁ ଯାଉଥିବା ବେଳେ ପୁଲିସ୍ ସେମାନଙ୍କୁ ବଡବଡ ବ୍ୟାରିକେଡ୍ ଲଗାଇ ଅଟକାଇଥିଲା। ଏହି ସମୟରେ ରାହୁଲ ଗାନ୍ଧି ବ୍ୟାରିକେଡ ଉପରେ ହଠାତ୍ ଚି ଯାଇଥିଲେ।

ଏହାପରେ ସେ ସେଠାରେ ଛିଡା ହୋଇ ଜାତୀୟ ପତାକା ଉଡାଇଥିଲେ। ଏହାକୁ ଦେଖି ରାହୁଲଙ୍କ ସମର୍ଥକ ଓ ବିରୋଧୀ ଇଣ୍ଡିଆ ବ୍ଲକର ସଦସ୍ୟମାନେ ପୂରା ଉତ୍ସାହିତ ହୋଇ ପଡିଥିଲେ।

ଏହି ସମୟରେ ପୁଲିସ୍ ରାହୁଲ ଗାନ୍ଧି ଓ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଉଠାଇ ନେଇ ଅଟକ ରଖିଥିଲା। କିଛି ସମୟ ଅଟକ ରଖିବା ପରେ ସେମାନଙ୍କୁ ଛାଡି ଦିଆଯାଇଛି। ଏମାନଙ୍କ ବ୍ୟତୀତ ବିରୋଧୀ ଦଳର ଆଉ କିଛି ସଦସ୍ୟମାନଙ୍କୁ ମଧ୍ୟ ପୁଲିସ୍ ଅଟକ ରଖିଥିଲା।




ତେବେ ସେମାନଙ୍କୁ ଛାଡିବା ପରେ ରାହୁଲ, ପ୍ରିୟଙ୍କା ଓ ଅନ୍ୟମାନେ ପୁଣି ନିର୍ବାଚନ କମିଶନ ମୁଖ୍ୟାଳୟକୁ ଘେରାଉ ପାଇଁ ଉଦ୍ୟମ କରିଛନ୍ତି। ଆକାଶବାଣୀ ଭବନ ଭିତରେ ମଧ୍ୟ ରାହୁଲ ଓ ପ୍ରିୟଙ୍କା ଗାନ୍ଧି ପ୍ରବେଶ କରିବାକୁ ଉଦ୍ୟମ କରୁଥିବାର ଭିଡିଓ ସାମ୍ନାକୁ ଆସିଛି। ଏହି ଭବନଟି ନିର୍ବାଚନ କମିଶନ ମୁଖ୍ୟାଳୟ ନିକଟରେ ରହିଛି। ତେଣୁ ଏହି ବିଲଡିଂ ଦେଇ ସେମାନେ ନିର୍ବାଚନ କମିଶନରେ ପହଞ୍ଚିବାକୁ ଚାହିଁଥିଲା। ହେଲେ ସେମାନଙ୍କୁ ଭିତରେ ପ୍ରବେଶ ପାଇଁ ଅନୁମତି ମିଳିନି। ଏଥିପାଇଁ ଆକାଶବାଣୀର ଭବନର ଗେଟ୍ ନମ୍ବର ୪ ନିକଟରେ ଥିବା ଗୋଟିଏ ଗଛ ମୂଳରେ ରାହୁଲ, ପ୍ରିୟଙ୍କା, ଦିଗବିଜୟ ସିଂହ ଓ ଦୀପେନ୍ଦର ହୁଡା ପ୍ରମୁଖ ଧାରଣାରେ ବସିଛନ୍ତି। ସେମାନଙ୍କୁ ସୁରକ୍ଷାକର୍ମୀମାନେ ଘେରି ରହିଛନ୍ତି। ବିରୋଧୀ ମେଣ୍ଟର ସଦସ୍ୟମାନେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ନିର୍ବାଚନ କମିଶନ ମୁଖ୍ୟାଳୟକୁ ଯାଉଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇ ଦେଇଛି। ମୁଖ୍ୟାଳୟ ଠାରୁ ପ୍ରାୟ ୨୦୦ ମିଟର ଦୂରରେ ବ୍ୟାରିକେଡ ଲଗାଇ ପୁଲିସ୍ ସେମାନଙ୍କୁ ଅଟକାଇବାରୁ ବିରୋଧୀ ଦଳର ସଦସ୍ୟମାନେ ସେହି ସ୍ଥାନରେ ହିଁ ଧାରଣା ଦେବା ଆରମ୍ଭ କରିଛନ୍ତି। ସେହିପରି ମୁଖ୍ୟାଳୟ ନିକଟରେ ଦଙ୍ଗା ନିୟନ୍ତ୍ରଣକାରୀ ସୁରକ୍ଷାକର୍ମୀଙ୍କୁ ମଧ୍ୟ ମୁତୟନ କରାଯାଇଛି।



# ପ୍ରତିରକ୍ଷା ଉତ୍ପାଦନରେ ଓଡ଼ିଶାରୁ ବଡ଼ ବାର୍ତ୍ତା

କୋରାପୁଟ,୬।୧୦(ନି.ପ୍ର): : ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି।

ସେ କହିଛନ୍ତି ଯେ କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ପ୍ରଷ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ୍, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି। ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି।ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍‌ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥଲେ।

# ଅଣଛାତ୍ରଙ୍କ ଉପରେ ନଜର ରଖିବାକୁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୬।୧୦(ନି.ପ୍ର.): ରାଜ୍ୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ଓ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଡିଜିପି ବିନୟତୋଷ ମିଶ୍ରଙ୍କ ଉଚ୍ଚ ସ୍ତରୀୟ ସୁରକ୍ଷା ସମୀକ୍ଷା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଡିଜିପି ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି/ଡିଆଇଜିଙ୍କ ସହ ଏକ ଉଚ୍‌ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍ ?ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି। ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ସାଇବର ଅପରାଧ, ଅପରାଧ ନିୟନ୍ତ୍ରଣ ଏବଂ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଡିଜିପି ବିସ୍ତୃତ ସମୀକ୍ଷା କରିଛନ୍ତି।

ଛାତ୍ର ସଂସଦ ନିର୍ବାଚନ ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ସମୟରେ ଛାତ୍ରଛାତ୍ରୀମାନେ ଏକ ସମ୍ବେଦନଶୀଳ ସମ୍ପ୍ରଦାୟ ହୋଇଥିବାରୁ ସେମାନଙ୍କ ସହ ପୋଲିସର ନିୟମିତ ଓ ବ୍ୟକ୍ତିଗତ ଯୋଗାଯୋଗ ରହିବା ଆବଶ୍ୟକ। ଥାନା ଭାରପ୍ରାପ୍ତ ଅଧିକାରୀ ଓ ଏସ୍‌ଡିପିଓମାନେ ଛାତ୍ର ନେତାମାନଙ୍କ ସହ ବୈଠକ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମନ୍ୱୟ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲେଜ ପରିସରକୁ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିବାକୁ



ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଅଣଛାତ୍ରଙ୍କୁ ରୋକିବା, ଛାତ୍ରାବାସ ଓ ମେସ୍ ?ଗୁଡ଼ିକ ଉପରେ ନଜର ରଖିବା ଏବଂ ଛାତ୍ରଛାତ୍ରୀଙ୍କ ସହ ନିୟମିତ ସମ୍ପର୍କ ରଖିବାକୁ ସେ କହିଥିଲେ। ହିଂସାର ଆଶଙ୍କା ନଥିଲେ ଅନାବଶ୍ୟକ ଭାବେ ପୋଲିସ ବଳ ମୁତୟନ ନକରିବାକୁ ମଧ୍ୟ ଡିଜିପି ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କ ଭୋଜିଭାତ ଓ ଅନ୍ୟାନ୍ୟ ଆୟୋଜନ ଉପରେ ମଧ୍ୟ ନଜର ରଖିବାକୁ ସେ କହିଥିଲେ।ନିର୍ବାଚନ ସମୟରେ ସମନ୍ୱୟ ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଏସ୍ ?ପି, ଉପଜିଲ୍ଲାପାଳ ଓ କଲେଜ ଅଧ୍ୟକ୍ଷଙ୍କ ମଧ୍ୟରେ ବୈଠକ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ନିର୍ବାଚନ ଫଳାଫଳ ପରେ ହିଂସାର ସମ୍ଭାବନା ଥିବାରୁ ସେ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କହିଥିଲେ।

ସେହିପରି ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସାଇବର ପୋଲିସ ଷ୍ଟେସନଗୁଡ଼ିକର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଏବଂ ମାମଲାର ତଦନ୍ତ ଓ ଆଇନଗତ ପଦକ୍ଷେପକୁ ଅଧିକ ଫଳପ୍ରଦ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ମହିଳା ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମ୍ବେଦନଶୀଳ ମାମଲାଗୁଡ଼ିକର ତ୍ୱରିତ, ନିରପେକ୍ଷ ଓ ଫଳପ୍ରଦ ତଦନ୍ତ ସୁନିଶ୍ଚିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନିକଟରେ ଭୁବନେଶ୍ୱରରେ ଘଟିଥିବା ଯୁବତୀଙ୍କ ବିରୋଧରେ ଅପରାଧିକ ଘଟଣାକୁ ଗମ୍ଭୀରତାର ସହ ନେଇ ରାଜ୍ୟସାରା ମହିଳା ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ସେ କହିଥିଲେ।ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ କଡ଼ା ପଦକ୍ଷେପ, ଘଉଚଝ ଆଇନର କାର୍ଯ୍ୟାନୁଷ୍ଠାନ ସମେତ ବେଆଇନ କାର୍ଯ୍ୟକଳାପ ବିରୋଧରେ ନିୟମିତ ଚଢ଼ାଉ ଓ ଯାଞ୍ଚ ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। 'ନିଶାମୁକ୍ତ ଓଡ଼ିଶା ଅଭିଯାନ'କୁ ଆହୁରି ସଶକ୍ତ କରିବା ସହ ନିଶାଦ୍ରବ୍ୟର ଚୋରାଚାଲାଣ ଓ ଅପରାଧିକ ନେଟୱାର୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଘଉଚଝ ଆଇନ ଅଧୀନରେ ବେଆଇନ ଗଞ୍ଜେଇ ଚାଷ ନଷ୍ଟ ପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେବାକୁ ସେ କହିଥିଲେ।ଏଥିସହିତ ନୂତନ ଅପରାଧ ଆଇନର ସଫଳ କାର୍ଯ୍ୟକାରିତା ଓ ପୋଲିସ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଡିଜିପି ଗୁରୁତ୍ୱାରୋପ କରିଥିଲେ।ଆଜିର ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତର ରେଞ୍ଜ ଆଇଜି ଓ ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍ ?ପିମାନେ ଭିଡିଓ କନ୍ ?ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ।

## ପୁରୀ ବିମାନବନ୍ଦରକୁ ସିଆରଜେଡ୍ କ୍ଲିୟରାନ୍ସ

ପୁରୀ,୬।୧୦(ନି.ପ୍ର.): ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର ସ୍ୱପ୍ନ ଏବେ ଆଉ ଏକ ପାଦ ଆଗେଇଛି। ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ହେବାକୁ ଥିବା ଏହି ବିମାନବନ୍ଦର ପାଇଁ ଜଙ୍ଗଲ ବିଭାଗ ସମ୍ପର୍କିତ ସମସ୍ୟାର ସମାଧାନ ହୋଇଥିବା ବେଳେ ଏବେ ସିଆରଜେଡ କ୍ଲିୟରାନ୍ସ ମଧ୍ୟ ମିଳିଛି। ପୁରୀ ଜିଲ୍ଲାପାଳଙ୍କ ସୂଚନା ଅନୁସାରେ, ଏହା ପରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ସହଯୋଗରେ ବିମାନବନ୍ଦର ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନିଆଯିବ। ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

## ବିକ୍ରମଙ୍କୁ ସାଢେ ୩ ଘଣ୍ଟା ଜେରା

ବ୍ରହ୍ମପୁର,୬।୧୦: ବହୁ ଚର୍ଚ୍ଚିତ ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଆଜି ବର୍ଷ ପୂରିଥିବା ବେଳେ ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ଜାମିନ୍ ପାଇ ଜେଲ୍‌ରୁ ଆସିଥିବା ଅଭିଯୁକ୍ତ ତଥା ପୂର୍ବତନ ବିଜେଡି ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ୩ ଘଣ୍ଟା ୪୦ ମିନିଟ୍ ଜେରା କରିଛି ପୁଲିସ। ଆସନ୍ତା ୧୬ ତାରିଖରେ ପୁଣି ଥରେ ଥାନାରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ୧୦ ମାସରୁ ଅଧିକ ଦିନ ଜେଲ୍‌ରେ ରହିବା ପରେ ସର୍ତ୍ତମୂଳକ ଜାମିନ ପାଇଥିଲେ ବିକ୍ରମ।

### ଡାହୁକ



ଭୂତେଇ ଭାତେଇ ହାତେଇ ଭୋଟ
ଗାଦି ଆବୋରିବା ପରେ
ନିର୍ବାଚନ ଖର୍ଚ୍ଚ ଉଠେଇବା ପେଇଁ
ସର୍କାର ଏମିତି ଖେଳେ
ଦରଦାମ ସବୁ ବଢେ
ଖାଉଟି ହାମୁଡି ପଡେ
ଯେତେ ପୋଡିଲେ ବି ନମିଳେ ମଲମ
ମିଳେ ନିର୍ବାଚନ ବେଳେ।

-ବିଧୁ

# ଯାଜପୁରରେ ଭୋଟ୍ ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ, ଦେଶ ବଞ୍ଚାଅ ବିକ୍ଷୋଭ

## ସିଇସି ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଇଣ୍ଡିଆ ବ୍ଲକ୍

**ଯାଜପୁର,୬।୧୦(ନି.ପ୍ର.);** ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ସମଗ୍ର ଭାରତ ବର୍ଷରେ ସମ୍ବିଧାନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସମଗ୍ର ଓଡିଶାର ସମସ୍ତ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଯାଜପୁର ଜିଲ୍ଲାରେ ଇଣ୍ଡିଆ ବ୍ଲକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ପ୍ରଥମେ ସ୍ଥାନୀୟ ସଂସ୍କୃତିଭବନ ପରିସରରୁ ଏକ ରାଲିଯୋଗେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଇଣ୍ଡିଆ ବ୍ଲକର ପ୍ରମୁଖ ନେତାମାନେ ଯୋଗଦେଇ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମ୍ ?.ଏମ୍ ?.ଡି. ଆର ଆଇନ ଉଚ୍ଛେଦ, ଓଡିଶାର ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଚଳିତ ବନ୍ୟାରେ ବିପନ୍ନ ଲୋକଙ୍କୁ ସହାୟତା ଦାବି କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଯୋଗଦେଇ ତାଙ୍କ ଭାଷଣରେ କହିଥିଲେ ଯେ, ବିଜେପି ସରକାରଙ୍କ




ଅଗଣତାନ୍ତ୍ରିକ ଭାବରେ ଶାସନ କ୍ଷମତାର ରହିବା ପାଇଁ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଜରିଆରେ ଭୋଟ ଚୋରି କରିବା ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର) ଦ୍ୱାରା ଓଡିଶା ରାଜ୍ୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ଭୋଟ ଦାନ କ୍ଷମତାରୁ ବଂଚିତ କରିଛନ୍ତି। ତେଣୁ ଏହିପରି ଭାବେରେ ଜ୍ଞାନେଶ କୁମାରଙ୍କ ସମୟରେ ହୋଇଥିଲା ସମସ୍ତ ନିର୍ବାଚନକୁ ରଦ୍ଦ କରାଯିବା ଉଚିତ୍। ବିଜେପି ସରକାରଙ୍କ ହାତବାରିଶି ସାଜି ଅଗଣତାନ୍ତ୍ରିକ ଭାବେ ଭୋଟ ଚୋରି ମାଧ୍ୟମରେ ଅନେକ ରାଜ୍ୟକୁ ଦଖଲ କରିବାରେ ବିଜେପି ସକ୍ଷମ ହୋଇଥିଲା। ତେଣୁ ବିଜେପି ସମ୍ପୂର୍ଣ୍ଣ ଭାରତ ବର୍ଷକୁ ଏହାର ଜବାବ ଦେଉ। ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଓଡିଶାର ଖଣିଜ ପଦାର୍ଥକୁ ଏମ୍.ଏମ୍.ଡି. ଆର୍ ଆଇନ ପ୍ରଣୟନ କରି ହଜାର ହଜାର କୋଟି ଟଙ୍କାର ରାଜସ୍ୱକୁ ହରି ଲୁଟ୍ କରିଛନ୍ତି। ଏଠାରେ କୁହାଯାଇପାରେ ରାଜ୍ୟ କେତେ ପାଇବ ବା କେନ୍ଦ୍ର କେତେ ଟଙ୍କା ପାଇବ ପ୍ରଶ୍ନ ନୁହେଁ। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ନିୟମ ଲାଗୁ କରିବା ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ଅଟେ। ଏଠି ଅର୍ଥର ପ୍ରଶ୍ନ ଉଠୁନାହିଁ, ରାଜ୍ୟର ସ୍ୱାର୍ଥ କଥା ଉଠୁଛି। ତେଣୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏଥିପ୍ରତି ପ୍ରଥମେ ଧ୍ୟାନ ଦେବା ଦରକାର। ଓଡିଶା ସରକାର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ୨ ହଜାରରୁ ଅଧିକ ତ୍ରୁଟି ଏବଂ ଏହି ପୁସ୍ତକ ବାବଦକୁ ୩୦୦ କୋଟି ରୁ ଅଧିକ ଅର୍ଥ ଅପବ୍ୟୟ ହୋଇଛି। ଏହାକୁ ଆଧାର କରି ବାରମ୍ବାର ବିରୋଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି।

ଚଳିତ ବର୍ଷବାରମ୍ବାର ବନ୍ୟା ଫଳରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, ବରୀ ବ୍ଲକ, ବିଞ୍ଝାରପୁର ବ୍ଲକ, ଓ ଯାଜପୁର ବ୍ଲକର ବନ୍ୟା ବିପନ୍ନ ହୋଇଥିବା ଲୋକମାନଙ୍କୁ କ୍ଷତି ପୁରଣ ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ମିଳି ପାରିନାହିଁ। ଏହାକୁ କେନ୍ଦ୍ର କରି ଚଳିତ ମାସ ୮ ତାରିଖ ଦିନ ସକାଳ ୬ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତତ୍ ?ସହିତ ବ୍ୟବସାୟିକ ଅନୁଷ୍ଠାନ, ଦୋକାନ ବଜାର ସମସ୍ତ ବନ୍ଦ ରଖିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପି.ସି.ସି.ର ଉପସଭାପତି ତଥା ପ୍ରଭାରି ଅସିତ୍ ପଟ୍ଟନାୟକ, ପି.ସି.ସି.ର ସହ ପ୍ରଭାରି ହଳଧର ସେଠୀ, ପି.ସି.ସି. ସାଧାରଣ ସମ୍ପାଦକ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ପି.ସି.ସି ସମ୍ପାଦକ ତଥା ପ୍ରଭାରି ରାଜୀବ ପରିଡା, ଜିତେନ୍ଦ୍ର ସାହୁ, ନିରୂପମା ପାତ୍ର, ଜିଲ୍ଲା କଂଗ୍ରେସ କମିଟିର ସଭାପତି ମାଗୁଣି ବଟକୃଷ୍ଣ ଯେନା, ବି.ଏଲ୍-୧ ର ସନ୍ତୋଷ କୁମାର ନନ୍ଦ, ମଧୁସ୍ମିତା ଆଚାର୍ଯ୍ୟ, ସନତ ଜେନା, ବରିଷ୍ଠ ନେ ବିଷ୍ଣୁ ଚରଣ ରାଉତ, ବ୍ଲକ ସଭାପତି ଭାବେ ନାରାୟଣ ସାମନ୍ତ, ଗଦାଧର ଦାସ, ପ୍ରତାପ ଦାସ, ଏକାଦଶୀ ତ୍ରିପାଠୀ, ଦେବେନ୍ଦ୍ର ପ୍ରଧାନ, ଚିନ୍ମୟ ପ୍ରଧାନ, ସଂଜୟ ରାଉତ, ମିହିର ମିଶ୍ର, ହରେକୃଷ୍ଣ ସାହୁ, ଦୟାନିଧି ପଲେଇ, ମଦନ ମୋହନ ଖୁଣ୍ଟିଆ, ତପନ ନାୟକ, ସି.ପି.ଆଇ ର ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ମଳୟ ପଣ୍ଡା, ମହେନ୍ଦ୍ର ଦା. ରାଇଚରଣ ମହାନ୍ତି, ବିଭୁଭୂଷଣ ରାଉତ, ସ୍ୱର୍ଣ୍ଣଲତା ବାନରା, ସ୍ୱପ୍ନ ବେହୁରା, ହରେକୃଷ୍ଣ ପାଣିଗ୍ରାହୀ, ଗଣେଶ ସାହୁ, ସି.ପି.ଆଇ.ଏମ୍‌ର ଈଶ୍ୱର ପରିଡା, ସି.ଟୁ ର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ବିଞ୍ଝାରପୁର ନେତ୍ରୀ କନକ ମଲ୍ଲିକ, ଜିଲ୍ଲା ଉପସଭାପତି ଭାବେ ବିଭୂତି ମହାପାତ୍ର, ସଂଗ୍ରାମ ସାହାଣୀ, କୃଷକ କଂଗ୍ରେସ ସେଲ୍‌ର ଶ୍ରୀକାନ୍ତ ମହାନ୍ତି, ଏସ.ସି କଂଗ୍ରେସର ବିଦ୍ୟାଧର ଜେନା, ଆରତି ସ୍ୱାଇଁ, ଗଣେଶ୍ୱର ଦାସ, ଅନୁପମ ମଲ୍ଲିକ, ଚନ୍ଦ୍ରଶେଖର ସାହୁ, କୁମାର ଆଶୁତୋଷ, ଭାସ୍କର ମହାନ୍ତି, ଦେବପ୍ରସାଦ ଶତପଥୀ, ନିକୁଞ୍ଜ ସାମଲ, ଅର୍ଜିତ ନାୟକ, ଅକ୍ଷୟ ଶତପଥୀ, ଅଭୟ ପଣ୍ଡା, ,ପ୍ରଭୃତି ଶତାଧିକ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗଦେଇଥିଲେ।



## ନବରଙ୍ଗପୁର ଜିଲ୍ଲାର କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଗୋଟି ଆଂଶିକଭାବେ ଘର ଭାଙ୍ଗିବା ଆକଳନ

ନବରଙ୍ଗପୁର,୬।୧୦ :(ମନ୍ଥନ) ବଙ୍ଗୋପସାଗର ସୃଷ୍ଟି ହୋଇଥିବା 'ଗଭୀର ଅବପାତ' ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇ ବ୍ୟାପକ କ୍ଷତି ରଚିଥିଲା ଛ ନବରଙ୍ଗପୁର ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଜଣଙ୍କ ଘର ଆଂଶିକ ଭାବରେ ଭାଙ୍ଗିବାର ଆକଳନ କରାଯାଇଛି, ଗୋଟିଏ ଘର ପିଛା ୪୦୦୦ ଟଙ୍କା ହିସାବରେ ମୋଟ ୪୧,୮୨,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯାଇଛି, ସେହିପରି ନବରଙ୍ଗପୁର ତହସିଲରେ ୩୩୧ ଘର ଏବଂ ୫ ଟି ଗୁହାଳ ବାବଦକୁ ୧୩,୩୯,୦୦୦ ଟଙ୍କା , ନନ୍ଦାହାଣ୍ଡି ତହସିଲରେ ୩୩୨ଘର ଏବଂ ୪ ଟି ଗୁହାଳ ବାବଦକୁ ୧୩,୪୦,୦୦୦ ଟଙ୍କା, ତେନ୍ତୁଳିଖୁଣ୍ଟି ତହସିଲରେ ୬୪ ଘର ବାବଦକୁ ୨,୫୬,୦୦୦ ଟଙ୍କା , ପାପଡାହାଣ୍ଡି ତହସିଲରେ ୧୧୦ଟି ଘର ବାବଦକୁ ୪,୪୦,୦୦୦ ଟଙ୍କା, ଡାବୁଗାଁ



ତହସିଲରେ ୧୪ଟି ଘର ବାବଦକୁ ୬୯,୦୦୦ ଟଙ୍କା, ଉମରକୋଟ ତହସିଲରେ ୪୩ଟି ଘର ବାବଦକୁ ୧,୭୨,୦୦୦ଟଙ୍କା, ରାଇଘର ତହସିଲ ରେ ୨୬ଟି ଘର ବାବଦକୁ ୧,୦୪,୦୦୦ ଟଙ୍କା, ଝରିଗାଁ ତହସିଲରେ ୧୧୨ଟି ଘର ବାବଦକୁ ୪,୪୮,୦୦୦ ଟଙ୍କା ଏବଂ ଚନ୍ଦାହାଣ୍ଡି ତହସିଲରେ ୪୧ ଗୋଟି ଘର ବାବଦକୁ ୧,୭୦,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ମୋଟ ୨୧୧୭ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୮୫,୨୧,୦୦୦ ଟଙ୍କା ପୈଠ କରାଯାଇଛି । ସେହିପରି, କୃଷି ବିଭାଗ ଏବଂ ରାଜସ୍ୱ ବିଭାଗର ଯୁଗ୍ମ ଭାବରେ ତଦନ୍ତ କରି କ୍ଷତି ଗ୍ରସ୍ତ ଚାଷୀଙ୍କ ଫସଲ ହାନି ଆକଳନ କରି ଅତିଶୀଘ୍ର ତାଙ୍କ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯିବ । ପ୍ରକାଶଥାଉକି, ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ତାରିଖ ମଧ୍ୟରେ 'ଗଭୀର ଅବପାତ'ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଆଗତୁରା ନବରଙ୍ଗପୁର ଜିଲ୍ଲା ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

## ମୁକୁଳା ଡ୍ରେନରୁ ଗାଇ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ଗଞ୍ଜାମ,୬।୧୦ :(ମନ୍ଥନ) ଗତକାଲି ବିମର୍ଷିତ ରାତିରେ ଗଞ୍ଜାମ ବ୍ଲକ ସମୁଖ ମୁକୁଳା ଡ୍ରେନରେ ଗୋଟିଏ ଗାଇ ଗଳି ପଡିଥିଲା । ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଦେଖି ୧୧୨ ନଂ କୁ ଡାଇଲ କରି ଘଟଣା ସମ୍ପର୍କରେ ଫାୟାର ଷ୍ଟେସନକୁ ଅବଗତ କରିଥିଲେ କ୍ଷ ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ଦୀର୍ଘ ସମୟ କସରତ ପରେ ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ଅରୁଣ ରାଉଳ, ରଘୁନାଥ ରେଡ୍ଡି, ଓମପ୍ରକାଶ ରାଓଙ୍କ ସହଯୋଗରେ ଗାଇ ଟିକୁ ଡ୍ରେନରୁ ବାହାର କରାଯାଇଥିଲା । ଡ୍ରେନ ସଫେଇ ପାଇଁ ପ୍ଲେଟ ଗୁଡିକ ବାହାର କରାଯାଇଥିଲା ସେଥିରେ ଗାଇଟି ଡ୍ରେନ ଭିତରକୁ ଗଳି ପଡିଥିଲା । ଏନଏସି ସାନିଟେସନ ଏକ୍ସପଟ ନୋମେଶ ସେଠାରେ ପହଞ୍ଚି ପ୍ଲେଟ ଗୁଡିକ ପକେଇବା ବ୍ୟବସ୍ଥା କରିଛନ୍ତି । ଅଗ୍ନିଶମ ବିଭାଗର ଲିଫଟିଙ୍ଗ ଫାୟାର ଫାଇଟର ସଦାନନ୍ଦ ନାୟକ, ଏଫଏମଡି ସୌମ୍ୟ ରଞ୍ଜନ ସାହୁ, ଏଫଡ଼ି ଏସ କେ ଗୌଡ଼, ଏସ ଏନ ପ୍ରଧାନ, ବନଜ ସେଠିଓ ଆର କେ ଗୌଡ଼ ପ୍ରମୁଖ ଉପରୋକ୍ତ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଗାଇଟିକୁ ଉଦ୍ଧାର କରିଥିଲେ ।

## କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାଂସଦଙ୍କ ଚିଠି

ଅନୁଗୋଳ, ,୬।୧୦ :(ମନ୍ଥନ) ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଆଖପାଖ ଅଞ୍ଚଳର ଜାତୀୟ ରାଜପଥ ଭିତ୍ତିଭୂମିର ବିକାଶ, ଯାତାୟାତକୁ ସୁଗମ କରିବା ତଥା ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି । ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବୃଦ୍ଧି ପାଉଥିବା ଶିଳ୍ପ, ଖଣିଜ ଏବଂ ଆର୍ଥିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର-କଟକ ଏନଏଚ-୫୫ର ୬-ଲେନ୍ ସମ୍ପ୍ରସାରଣ ଓ ୪ଟି ଅଣ୍ଡରପାସ୍ ସହ ସମ୍ବଲପୁରରେ ଫ୍ଲାଇଓଭର ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ସମ୍ବଲପୁର-ଅନୁଗୋଳ-କଟକ କରିଡର ପଶ୍ଚିମ ଓଡ଼ିଶାକୁ ରାଜ୍ୟର ପ୍ରମୁଖ ଶିଳ୍ପ, ବାଣିଜ୍ୟିକ ଏବଂ ସହରାଞ୍ଚଳ ସହ ଯୋଡୁଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥ । ଏଠାରେ ଯାତ୍ରୀବାହୀ, ମାଲବାହୀ ଓ ଶିଳ୍ପ ସମ୍ବନ୍ଧୀୟ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାରୁ ବର୍ତ୍ତମାନର ୪-ଲେନ୍ ବିଶିଷ୍ଟ ରାଜପଥକୁ ୬-ଲେନ୍‌କୁ ସମ୍ପ୍ରସାରିତ କରିବା ସହ ଉଭୟ ପାର୍ଶ୍ୱରେ ଦୁଇ-ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସହଜ ହେବ ଏବଂ ଦୁର୍ଘଟଣା ହ୍ରାସ ପାଇବ । ଦ୍ୱିତୀୟତଃ ଏନଏଚ-୫୫ର ଅନୁଗୋଳ-ସମ୍ବଲପୁର ସେକ୍ସନ୍‌ରେ ଖଣିଜ ଓ ବାଣିଜ୍ୟିକ ଯାନବାହନ ଚଳାଚଳ ହେତୁ ସ୍ଥାନୀୟ ଲୋକ ଓ ପଦଚାରୀଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି । ସଡ଼କ ସୁରକ୍ଷାକୁ ଆଖିଆଗରେ ରଖି ପିଆଇୟୁ ସମ୍ବଲପୁର ଦ୍ୱାରା ପ୍ରସ୍ତାବିତ ଜିନ୍ଦଲ ରୋଡ୍, ଜରପଡ଼ା, ଜେରାଙ୍ଗ ଏବଂ ଚାରମାଳ ଠାରେ ୪ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି । ଏହାବ୍ୟତୀତ ଏନଏଚ- ୫୩ ସ୍ଥିତ ସମ୍ବଲପୁର ସିଟି ରେଳ ଷ୍ଟେସନ୍ ଛକରେ ପ୍ରତିଦିନ ଅନେକ ସଂଖ୍ୟକ ରେଳ ଯାତ୍ରୀ ଜାତୀୟ ରାଜପଥ ପାର ହେଉଛନ୍ତି, ଯାହାକି ଗମନାଗମନରେ ସମସ୍ୟା ସୃଷ୍ଟି କରିବା ସହ ଏହାକୁ ଏକ ସମ୍ଭାବ୍ୟ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି । ଏହି ସ୍ଥାନରେ ଲୋକଙ୍କ ନିରାପଦ ଯାତାୟାତ ପାଇଁ ଏକ ଫ୍ଲାଏଓଭର ନିର୍ମାଣ ପ୍ରସ୍ତାବକୁ ଶୀଘ୍ର ମଞ୍ଜୁରୀ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ସଡ଼କ ପରିବହନ ମନ୍ତ୍ରଣାଳୟ ଏବଂ ଏନଏଚଏଆଇର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏହି ପ୍ରସ୍ତାବଗୁଡ଼ିକୁ ପ୍ରାଥମିକତା ଆଧାରରେ କାର୍ଯ୍ୟକାରୀ କରାଗଲେ ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶ ଆହୁରି ଦ୍ରୁତଗାମୀ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି ।

## ସେବା ସଂକଳ୍ପ ଅଭିଯାନ ୨୦୨୬ ଅଧୀନରେ ଜିଲାସ୍ତରୀୟ ନାଟକ ଉତ୍ସବ ପାଳିତ

ଜଗତସିଂହପୁର,୬।୧୦ :(ମନ୍ଥନ) ସେବା ସଂକଳ୍ପ ଅଭିଯାନ - ୨୦୨୬ ଅବସରରେ ଜଗତସିଂହପୁର ସଦର ମହକୁମାସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲା ସ୍ତରୀୟ ନାଟକ ଉତ୍ସବ ଆୟୋଜିତ ହୋଇଯାଇଅଛି । ଏହି ନାଟକ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ 'ନମୋ ସେବା ଗାଥା' ନାଟକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ଜଗତସିଂହପୁର ଦ୍ୱାରା ପରିବେଷଣ କରାଯାଇଥିଲା । ଏହି ନାଟକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧକ୍ଷା, ଜଗତସିଂହପୁର ପୌରପରିଷଦ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ଶ୍ରୀ ସମ୍ବିତ କୁମାର ରାଉତ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ।ଏହି ନାଟକ ଉତ୍ସବରେ ତହସିଲଦାର, ଜଗତସିଂହପୁର , ଡେପୁଟି କଲେକ୍ଟର(ସଂସ୍ଥା), ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

## ୧୦୦ଭାଗ ଭିନ୍ନକ୍ଷମ ହୋଇ ମଧ୍ୟ ମିଳୁନି ବର୍ଦ୍ଧିତ ଭିନ୍ନକ୍ଷମ ଭତା

ମାହାଙ୍ଗା,୬।୧୦ :(ମନ୍ଥନ)ରାଜ୍ୟ ସରକାରଙ୍କ ବିଚିତ୍ର ନିୟମ ଯୋଗୁ ପ୍ରକୃତ ଭିନ୍ନକ୍ଷମ ସରକାରୀ ଯୋଜନାରୁ ସହାୟତା ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ ମାହାଙ୍ଗା ନିର୍ବାଚନୀ ମଣ୍ଡଳୀ ଅର୍ନ୍ତଗତ ହଳଦିଆ ପଂଚାୟତର ଝାଡେଶ୍ୱରପୁର ଗ୍ରାମରେ ଦେଖିବାକୁ ମିଳିଛି । ସୂଚନାରୁ ପ୍ରାପ୍ତ ଯେ ଏହି ଗ୍ରାମର ବଳରାମ ମିଶ୍ର ଯେ କି ଜଣେ ଦୃଷ୍ଟିହୀନ ଦିବ୍ୟାଙ୍ଗ । ୧୦୦ଭାଗ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସେ ମାସିକ ୧୨ଶହ ଟଙ୍କା ଭିନ୍ନକ୍ଷମ ଭତା ପାଉଛନ୍ତି । ଏପରିକି ସେ ସରକାରୀ ଯୋଜନରେ ଖଣ୍ଡେ ପକ୍କାଘର ପାଇ ନଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ସରକାର ଭିନ୍ନକ୍ଷମ ମାନଙ୍କୁ ମାସିକ ୩୦୦୦ଟଙ୍କାରୁ ଉର୍ଦ୍ଧ୍ୱ ଭତା ଦେଉଥିଲେ ମଧ୍ୟ ବଳରାମ ପାଇବାରୁ ବଂଚିତ ହୋଇଛି । ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ବଳରାମଙ୍କୁ ବର୍ଦ୍ଧିତ ଭତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

## ବଲାଙ୍ଗିର ଖ୍ରୀଷ୍ଟିୟ ସମାଜର ନୂଆଁଖାଇ ଭେଟଘାଟ

**ବଲାଙ୍ଗିର,୬।୧୦ :(ମନ୍ଥନ)**ବଲାଙ୍ଗିର ଖ୍ରୀଷ୍ଟିୟ ସମାଜ ପକ୍ଷରୁ ନୂଆଁଖାଇ ୨୦୨୬ ମହାସମାରୋହରେ ପାଳନ କରାଯାଇଅଛି । ମୁଖ୍ୟ ଶସ୍ୟ ଉତ୍ସର୍ଗ ପର୍ବ ୦୪.୧୦.୨୦୨୬ ରେ ନ୍ୟୁ ଲାଇଫ ଏସେମ୍ଲି ହଲ ଠାରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ପରିଚାଳନା କମିଟି ସଂପାଦକ ପ୍ରଦୀପ କୁମାର ତାଣ୍ଡିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଧର୍ମାଂଚଳର ବିଶପ ପବିତ୍ରାଚାର୍ଯ୍ୟ ଇମାନୁଏଲ ଦାନି ଶସ୍ୟ ଉତ୍ସର୍ଗ କରି ଉତ୍ସବ ସମ୍ବନ୍ଧୀୟ ସାରଗର୍ଭିକ ତତ୍ତ୍ୱ ପ୍ରଦାନ କରିଥିଲେ ।



୦୫.୧୦.୨୦୨୬ ସୋମବାର ଦିନ ବଲାଙ୍ଗିର ସହରର ସବୁ ଉପାସନାଳୟ ଠାରେ ନବାନ୍ନ ଭକ୍ଷଣ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ସମୟରେ ମିଶନ ଖେଳ ପଡିଆ ଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ନୂଆଁଖାଇ ଜୁହାର ପ୍ରଦାନ କରିଥିଲେ । ବିଶପ ଇମାନୁଏଲ ଦାନୀଙ୍କ ସହିତ ସହର ର ସମସ୍ତ ଅଭିଶିକ୍ତ ପାଳକଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । କାଉନସିଲର ରଜନୀ ବନଛୋର ମଧ ନୂଆଁଖାଇ ର ଜୁହାର ପ୍ରଦାନ କରିଥିଲେ । ଭେଟଘାଟ କାର୍ଯ୍ୟକ୍ରମରେ ସବୁ ବର୍ଗର ପୁଅ ଝିଅ, ମହିଳାମାନଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ତାଣ୍ଡି, ସଚ୍ଚିଦାନନ୍ଦ ହନୁମାନ, ଶୈଳେଶ କୁମାର ପାଲ, ଏଲିଅ କୁମାର, ଦାଉଦ ସାଗର, ମହେନ୍ଦ୍ର କୁମାର ବାଗ, ଭଞ୍ଜ କିଶୋର ନାଗ, ଶୈଳବାସିନୀ ସାଗର, ସୁସନ୍ନାମୟୀ ପାଲ, ଏଷ୍ଟରରାଣୀ ବାରିକ, ଅମୀୟ ତାଣ୍ଡି, ମଦନ କୁମାର, ଆଦମ ଇସମାଇଲ, ଜ୍ୟୋତିରାଜ ନାଗ, ଇମାନୁଏଲ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ହାଇଓ୍ୱା ଧକ୍କାରେ ବାଇକ ଚାଳକ ମୃତ

ନବରଙ୍ଗପୁର,୬।୧୦ :(ମନ୍ଥନ) ନବରଙ୍ଗପୁର ଜିଲ୍ଲା ଚାନ୍ଦାହାଣ୍ଡି ଥାନା ଅଧୀନ ସିନାପାଲି ନିକଟସ୍ଥ ଭାଣ୍ଡାର ନଦୀ ପୋଲ ନିକଟରେ ହାଇଓ୍ୱା ଟିପର ଧକ୍କାରେ ଜଣେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ଝରିଗାଁ ଥାନା ଭାଲୁକାନାଡି ପଞ୍ଚାୟତ ଅନ୍ତର୍ଗତ କନ୍ଧଗୁଡ଼ା ଗ୍ରାମର ୨୩ ବର୍ଷୀୟ କୈଳାସ ଭୋଇ । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ ?ଜନା ପ୍ରକାଶ ପାଇବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ଓ ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଛନ୍ତି ।ସୂଚନା ଅନୁଯାୟୀ, କୈଳାସ ଭୋଇ ନିଜ ସମ୍ପର୍କୀୟ ମାମୁଙ୍କ ଘର ଫଟାମୁଣ୍ଡା ଗାଁକୁ ନିଜ ବାଇକ ଯୋଗେ ଯାଉଥିଲେ । ଏହି ସମୟରେ ସିନାପାଲି ଭାଣ୍ଡାର ନଦୀ ପୋଲ ନିକଟରେ ବିପରୀତ ଦିଗରୁ ଚିପ୍ସ ବୋଝେଇ କରି ଆସୁଥିବା ଏକ ହାଇଓ୍ୱା ଟିପର ବାଇକକୁ ସାମ୍ନାରୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ବାଇକଟି କ୍ଷତିଗ୍ରସ୍ତ ହେବା ସହ କୈଳାସ ରାସ୍ତାରେ ଛିଟିକି ପଡ଼ିଥିଲେ । ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।ଦୁର୍ଘଟଣା ଘଟାଇଥିବା ହାଇଓ୍ୱା ଟିପରର ନମ୍ବର ଡ଼ଓ ୦୮ ଇଉ ୭୭୧୨ ବୋଲି ଜଣାପଡ଼ିଛି । ସେହିପରି ମୃତକ କୈଳାସ ଭୋଇ ଚଳାଉଥିବା ବାଇକର ନମ୍ବର ଡ଼ଓ ୨୪ ଗ ୭୦୧୩ । ଦୁର୍ଘଟଣା ପରେ ହାଇଓ୍ୱା ଚାଳକ ଗାଡ଼ିଟିକୁ ଘଟଣାସ୍ଥଳରେ ଛାଡ଼ି ଫେରାର ହୋଇଯାଇଥିବା ସୂଚନା ମିଳିଛି ।ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାରବର୍ଗଙ୍କ ସମେତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । କ୍ଷତିପୂରଣ ଦାବିରେ ମୃତଦେହକୁ ରାସ୍ତାରେ ରଖି ଚାନ୍ଦାହାଣ୍ଡି-ଧର୍ମଗଡ଼ ଏବଂ ଉମରକୋଟ-ମାଲଗାଁ ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ଉଭୟ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା । ଶବ ଉଦ୍ଧାର ପାଇଁ ପହଞ୍ଚିଥିବା ପୋଲିସ ଓ ଅଗ୍ନିଶମ ବାହିନୀର ଗାଡ଼ିକୁ ମଧ୍ୟ ଲୋକେ ଅଟକ ରଖିଥିବା ଜଣାପଡ଼ିଛି ।ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଲୋକଙ୍କୁ ବୁଝାସୁଝା କରାଯାଉଛି । ଏଥିସହ ଦୁର୍ଘଟଣାର ପ୍ରକୃତ କାରଣ ଏବଂ ହାଇଓ୍ୱା ଚାଳକଙ୍କ ଫେରାର ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।



## କୀଟନାଶକ ବିଷ ଖାଇ ଦୋକାନୀଙ୍କ ମୃତ୍ୟୁ

ବୁଗୁଡା,୬।୧୦ :(ମନ୍ଥନ): ବୁଗୁଡ଼ା ସହର ହାଇସ୍କୁଲ ଛକ ରାସ୍ତାକଡରେ ଦୋକାନ କରିଥିବା ରବିନାରାୟଣ ପଣ୍ଡା( ୪୫) ନାମକ ଜନୈକ ଦୋକାନୀ କୀଟନାଶକ ବିଷ ଖାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ , ସୋମବାର ଅପରାହ୍ନରେ ରବି ପାରିବାରିକ ଅଶାନ୍ତି କାରଣରୁ ଚାଉଳ ପୋକମରା ବିଷ ଖାଇଦେଇ ତାଙ୍କର ଦୋକାନ ଆଗରେ ପାଟିରୁ ଫେଣ ବାହାର କରି ଅଚେତ ଅବସ୍ଥାରେ ପଡିରହିଥିଲେ । ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୁଗୁଡା,୬।୧୦ :(ମନ୍ଥନ)ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମର କାଶୀନାଥ ଜେନା (୭୮) ନାମକ ଜନୈକ ବୃଦ୍ଧ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ଏ ପୋଲିସ ଥାନାରେ କେସ୍ ନଂ ୩୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ , ବୃଦ୍ଧ ବିଲକାମ ସାରି ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ । ଅସାବଧାନତାବଶତଃ ସେ ପାଣିରେ ବୁଡି ଯାଇଥିଲେ । ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ସୋମବାର ଦିନ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଅଜୟ କୁମାର ମଲ୍ଲିକ ରହିଥିବା ଜଣାଯାଇଛି ।

## ଆଳିଶ ସ୍କୁଲ ଅଚାନକ ପରିଦର୍ଶନ କଲେ ବିଇଓ

ପିପିଲି,୬।୧୦ :(ମନ୍ଥନ)ପିପିଲି ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସେଠୀ ଅଚାନକ ଆଳିଶ ପ୍ରାଥମିକ ବିଦ୍ୟାଳୟ କୁ ପରିଦର୍ଶନ କରିଥିଲେ । ପ୍ରଥମେ ପିଲାମାନଙ୍କ ପାଠପଢ଼ା ତଦାରଖ କରିବା ସହ ତୃତୀୟ ଶ୍ରେଣୀ ରେ ମୌଳିକ ସଂଖ୍ୟା ଜ୍ଞାନ ଶିକ୍ଷାଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଏବଂ ଶିକ୍ଷଣ ଉପକରଣ ବ୍ୟବହାର କରି ଗଣିତ ପଢାଇଥିଲେ । ଯାହା ପିଲାମାନଙ୍କ ମଧ୍ୟରେ ଗଣିତ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଥିଲା । ମଧ୍ୟାହ୍ନ ଭୋଜନ ଯାଞ୍ଚ କରି ସମସ୍ତ ରେକର୍ଡ ଯାଞ୍ଚ କରିଥିଲେ । ବିଦ୍ୟାଳୟ ର ପାନୀୟ ଜଳ ବ୍ୟବସ୍ଥା, ଟଏଲେଟ୍ ର ପରିଷ୍କାର ପରିଚ୍ଛନ୍ନତା, ବିଦ୍ୟାଳୟ ପରିବେଶ ର ସ୍ୱଚ୍ଛତା ଆଦି ତଦାରଖ କରିଥିଲେ । ଉତ୍ତମ ଶିକ୍ଷାଦାନ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୈନିକ ପାଠଟୀକା ନିୟମିତ ଲେଖିବାକୁ ପରାମର୍ଶ ଦେଇଥିଲେ ।



## ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବନବିଭାଗ ପକ୍ଷରୁ ଚଢାଉ, ଶାଳ କାଠ ଜବତ

ଖଣ୍ଡପଡା,୬।୧୦ :(ମନ୍ଥନ)ଖଣ୍ଡପଡା ବ୍ଲକ ଅଧୀନ ପଙ୍କାଳ ନିକଟସ୍ଥ ଜଙ୍ଗଲରେ ବନବିଭାଗପକ୍ଷରୁ ଚଢାଉ କରାଯାଇ ଶାଳ ଲଗ ଜବତ କରାଯାଇଥିବା ନେଇ ସୂଚନା ମିଳିଛି । ବଳଭଦ୍ରପ୍ରସାଦପଞ୍ଚାୟତ ଅଧୀନ ପଙ୍କାଳ ଗ୍ରାମ ନିକଟରେ କଟାଯାଇଥିବା ବିଶାଳ ୧୨ ଟି ଶାଳ ଗଛ ଲଗ ଜବତକରାଯାଇଥିବା ନେଇ ସୂଚନା ମିଳିଛି । ଜବତ କାଠକୁ ବ୍ୟବସାୟ ଉଦ୍ଦେଶ୍ୟରେ ଏକ ଟ୍ରାକ୍ଟର ଯୋଗେନିଆଯାଉଥିବା ଖବରପାଇ ବନବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ତେବେ ବିଭାଗ ଚଢାଉ ଖବର ପାଇମାଫିଆ ମାନେ ଟ୍ରାକ୍ଟର ନେଇ ଚମ୍ପଟ ମାରିଥିବା ବେଳେ କେବଳ ଶାଳ ଲଗ ଜବତ ହୋଇଥିବାସ୍ଥାନୀୟ ଫରେଷ୍ଟର ସନ୍ଧ୍ୟାରାଣୀ ନାୟକ ସୂଚନା ଦେଇଛନ୍ତି । ଉକ୍ତ ଅଞ୍ଚଳରୁ ବର୍ଷ ବର୍ଷ ଧରିମୂଲ୍ୟବାନ ଶାଳ କାଠ ଲୁଟ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ତେବେ ଗ୍ରାମ୍ୟ ଜଙ୍ଗଲହୋଇଥବାରୁ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନଥିବା ଜଣାପଡିଛି । ଜବତକାଠକୁ କିଆଝର ବିଟ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବେଳେ ଶାଳଲଗ ଗୁଡିକର ଆନୁମାନିକମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି । ଘଟଣାରେ କାହାରିକୁ ଗିରଫ କରଯାଇନଥିବାବେଳେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି । ଏହି ଚଢାଉରେକଣ୍ଟିଲୋ ଫରେଷ୍ଟର ଜ୍ୟୋତିରଞ୍ଜନ ମଲ୍ଲିକ, ଫରେଷ୍ଟ ଗାର୍ଡ ବିଦ୍ୟାଧର ରାଉତ, ଅଁଳାମଡା ବିଟରଗାର୍ଡ ବାସୁଦେବ ଧାରୁଆ, କିଆଝର ସିଂଘୁରାମ ହାଁସଦାଙ୍କ ସମେତ ବନବିଭାଗ ସିଙ୍ଘାପଡା ଓ କଣ୍ଟିଲୋସେକ୍ସନ ଟିମ ସାମିଲ ଥିବା ନେଇ ସୂଚନା ମିଳିଛି ।

## ମାଲକାନଗିରି ଜିଲ୍ଲାର ନୂତନ ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡା

ମାଲକାନଗିରି, **୬।୧୦ :(ମନ୍ଥନ)**ମାଲକାନଗିରି ଜିଲ୍ଲାର ନୂତନ ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍?ଓ) ଭାବେ ଡା. ମାନସ ରଞ୍ଜନ ପଣ୍ଡା ସୋମବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ସିଡିଏମ୍ଓ ଡା. ଆବିଦ୍ ହୁସେନ୍ ନୂତନ ସିଡିଏମ୍ଓ ଡା. ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।ଦାୟିତ୍ୱ ଗ୍ରହଣ ପୂର୍ବରୁ ଡା. ମାନସ ରଞ୍ଜନ ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ମାଲକାନଗିରି ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଏବଂ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ତାଙ୍କ ଦାୟିତ୍ୱ ଗ୍ରହଣକୁ ଗୁରୁତ୍ୱ ଦିଆଯାଉଛି ।ଦାୟିତ୍ୱ ଗ୍ରହଣ ସମୟରେ ଡିପିଏମ୍ ମୌସୁମୀ ମିଶ୍ରଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ନୂତନ ସିଡିଏମ୍ଓଙ୍କୁ ସ୍ୱାଗତ ଜଣାଇଥିଲେ ।ଦାୟିତ୍ୱ ଗ୍ରହଣ ପରେ ଡା. ପଣ୍ଡା କହିଥିଲେ ଯେ, ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଲୋକଙ୍କୁ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ତାଙ୍କର ପ୍ରମୁଖ ଲକ୍ଷ୍ୟ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ଓ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ । ଏଥିସହ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ସୁଫଳ ଯେପରି ଜିଲ୍ଲାର ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତେ ମିଳିମିଶି ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଥିଲେ ।

## ଚଳିତ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ

ବୁଗୁଡା,୬।୧୦ :(ମନ୍ଥନ)କଲେଜ କ୍ୟାମ୍ପସରେ ଅଶାନ୍ତ ବାତାବରଣ ଆଳକରି ଗତ ୮ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ରୋକ୍ ଲାଗିଥିଲା । ତେବେ ଆଜି ସରକାରଙ୍କ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସ୍ଥାନୀୟ ପିପୁଲ୍ସ କଲେଜରେ ଗତ ୨୦୧୭ ମସିହାରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା । ତେବେ ୨୦୧୮ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଆଳକରି ନିର୍ବାଚନ ବନ୍ଦ କରିଦିଆଯାଇଥିଲା । ଏହା ପରେ କ୍ୟାମ୍ପସ ଅଶାନ୍ତ ବାହାନା କରି ଆଉ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା । ସରକାର ବଦଳି ନୂଆ ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ହେଁ ନିର୍ବାଚନ କରିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେବାରେ ଅହେତୁକ ବିଳମ୍ବ ହେତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା । ତେବେ ଛାତ୍ରଛାତ୍ରୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଆଜି ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ପ୍ରକାଶ ପରେ ପିପୁଲ୍ସ କଲେଜର ଛାତ୍ର ସଂସଦ ନିର୍ବାଚନର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ କଲେଜ ସମ୍ମୁଖରେ ଆତସବାଜି ଫୁଟାଇ ଖୁସି ଜାହିର କରିଥିଲେ । ତେବେ ପ୍ରକାଶିତ ସରକାରୀ ବିଜ୍ଞପ୍ତି ପ୍ରକାରେ ଚଳିତ ମାସ ୭ ତାରିଖରେ ଶିକ୍ଷାଅନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ , ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ , ୧୦ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ତାଲିକା ପ୍ରକାଶ , ୧୪ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ, ୧୫ ତାରିଖରେ ଭୋଟ ଗ୍ରହଣ ଓ ଗଣନା ସହ ଫଳାଫଳ ପ୍ରକାଶ ଏବଂ ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।




## ପୂର୍ବତନ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡା,୬।୧୦ :(ମନ୍ଥନ)ଖଣ୍ଡପଡା ବ୍ଲକ ରୟତି ଢୋଲମରା ପଞ୍ଚାୟତ ଅଧୀନ ପାଇକ ଢୋଲମରାଗ୍ରାମର ପୂର୍ବତନ ଶିକ୍ଷକ ନିତ୍ୟାନନ୍ଦ ସାହୁ (୭୪) ଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି । କିଛିଦିନତଳେ ଅସୁସ୍ଥ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ଗତକାଲି ପୂର୍ବାହ୍ନରେ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷହେବା ପରେ ମୃତଦେହକୁ ପୈତୃକ ଗ୍ରାମ ଢୋଲମରାକୁ ଅଣାଯାଇଥିଲା । ଏ ଅବସରରେ ଗ୍ରାମବାସୀ ଓଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ଖବର ପ୍ରଚାରିତ ହେବା ପରେଗଭୀର ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ସାହୁ ଏକାଧାରରେ ଜଣେ ସରଳ, ନିରାଡମ୍ବର,ନିଷ୍କପଟ, ପରୋପକାରୀ, ଧର୍ମପରାୟଣ, ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ, ସମୟାନୁବର୍ତ୍ତିତା ଓସତସଂଗ ଦୁନିଆରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜଣେ ଭକ୍ତ ଭାବରେ ସମଗ୍ର ଅଞ୍ଚଳରେଗୁରୁଭାଇ ରୂପେ ବେଶ୍ ଜଣାଶୁଣା ଥିଲେ । ୧୯୭୯ ମସିହାରେ ପ୍ରଥମେ ଶିକ୍ଷକତା ଜୀବନ ଆରମ୍ଭକରିଥିବା ଜଣାପଡିଛି । ଦୀର୍ଘ ୩୩ ବର୍ଷ ଧରି ଶିକ୍ଷକତା ଜୀବନ ୨୦୧୨ ମସିହାରେ ଅବସର ଗ୍ରହଣକରିଥିଲେ । ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଉମେଶକୁମାର ସାହୁ ମୁଖାଗ୍ନି ଦେଇଥିଲେ ।



# ଅବସରପ୍ରାପ୍ତ କର୍ମଚାରୀଙ୍କ ସମ୍ବର୍ଦ୍ଧନା ସମାରୋହ

ମାହାଙ୍ଗା,୬।୧୦ :(ମନ୍ଥନ) ପଲ୍ଲୀସାହି ପଂଚାୟତ ସ୍ଥିତ ଶୁକ୍ଳେଶ୍ୱର ଭଗବତୀ ବିଦ୍ୟାପୀଠରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦେବେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ଦାସ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଦାନନ୍ଦ ବେହେରା ଯୋଗଦେଇ ବିଦାୟୀ କର୍ମଚାରୀଙ୍କ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଜନତା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀଶିକ୍ଷକ ଇବ୍ରାହିମ୍ ଖାଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ନୀଳମାଧବ ପଣ୍ଡା, ପୂର୍ବତନ ଛାତ୍ର ଭାରତଭୂଷଣ ପଟ୍ଟନାୟକ, ସିଆର୍‌ସିସି ବୈଲୋଚନ ବରାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀ ଦେବେନ୍ଦ୍ରନାଥ ଆଚାର୍ଯ୍ୟଙ୍କୁ ଉତ୍ତୋରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଅଳକା ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ଶୁଭସ୍ମିଲ୍ ଦାସ, ସୁସ୍ମି ସୁପ୍ରିୟା ମହାପାତ୍ର, ସସ୍ମିତା ଦାସ, ସୁଚିତ୍ରା ପାଲଟା ସିଂହ, ଶୋଭାଶ୍ରୀ ମିଶ୍ର, ଭ୍ରମଲତା ସ୍ୱାଇଁ, କବିତା ନାୟକ,ଶିକ୍ଷକ ସେକ୍ ଇସାକ୍, ଆଲୋକ ନାୟକ, ପ୍ରସନ୍ନ କୁମାର ସାହୁ, ମନୋଜ କୁମାର ଖଟୁଆ, ଦେବାଶିଷ ସ୍ୱାଇଁ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଭ୍ୟ/ସଭ୍ୟା ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ଶେଷରେ ଗୀତାଞ୍ଜଳୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ୭୫ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆଲୋଚନା ଚକ୍ର ଓ କବିତାପାଠୋତ୍ସବ ଅନୁଷ୍ଠିତ

ମାହାଙ୍ଗା,୬।୧୦ :(ମନ୍ଥନ)ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର ଗୋପାଳପୁର ଆନୁକୁଲ୍ୟରେ ଔପନ୍ୟାସିକା ତଥା ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ୭୫ତମ ସ୍ୱନକ୍ଷତ୍ର ଦିବସ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ଗୋବିନ୍ଦପୁର ସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ସେବୀ ଯୋଗେଶ ଚନ୍ଦ୍ର କୁଅଁର, ପ୍ରବାଚକ ଶରତ ଚନ୍ଦ୍ର ରଥ, ସାହିତ୍ୟିକ ଫକୀର ଚରଣ ନାୟକ, ସଂସଦର କୋଷାଧ୍ୟକ୍ଷ କଲ୍ଲୋଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ୭୫ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଦୀର୍ଘ ନିରାମୟ ଜୀବନ କାମନା ସହିତ ତାଙ୍କ ସାହିତ୍ୟ କୃତି ସଂପର୍କରେଆଲୋକପାତ କରିଥିଲେ। ୭୫ବର୍ଷ ବୟସରେ ସେ କଭଳି ସାହିତ୍ୟ ସାଧନା କ୍ଷେତ୍ରରେ ବର୍ତ୍ତମାନ କାର୍ଯ୍ୟଧାରା ବଜାୟ ରଖିଛନ୍ତି ସେ ସଂପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏଥି ସହିତ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ବିଦ୍ୟୁଲତା ପ୍ରଧାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ସଦାଶିବ ପଣ୍ଡା, କବୟିତ୍ରୀ ପ୍ରତିଭା ଦାସ, କବି କୁଳମଣି ସାହୁ, ସାହିତ୍ୟିକ କଳ୍ପତରୁ ଦାସ, ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ରନାଥ ସାମଲ, ମହିମାଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ, ନିର୍ବାଣ ପ୍ରତିନିଧି ବିଜୟ କୁଅଁର,ଯୁବପ୍ରବଚକ ସୁଶାନ୍ତ କୁମାର ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରତାପ ସ୍ୱାଇଁ, ସମାଜସେବୀ ପବିତ୍ରମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁଲତା ପ୍ରଧାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ଏକ କବିତା ପାଠଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମାନସ କୁମାର ପ୍ରଧାନ, ଗଗନ ପ୍ରଧାନ, ମହେଶ୍ୱର ପ୍ରଧାନ ସହଯୋଗ କରିଥିଲେ। ଶେଷରେ କବି ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟକମାନେ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୨୫ ବର୍ଷ ର ସେବା ଓ ସୁ ଶାସନ କୁ ନେଇ ସେବା ଜ୍ୟୋତି ଯାତ୍ରା

ଅନୁଗୋଳ,୬।୧୦ :(ମନ୍ଥନ)ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ସେବା ସୁଶାସନ ର ୨୫ ବର୍ଷ ଆସନ୍ତା ଅକ୍ଟୋବର ୭ ତାରିଖ ରେ ପୂରଣ ହେବ । ୭ ଅକ୍ଟୋବର ୨୦୦୧ ମସିହାରେ ନରେନ୍ଦ୍ର ମୋଦି ଗୁଜୁରାଟ ର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ, ମୁଖ୍ୟମନ୍ତ୍ରୀ ଭାବେ ୨୦୧୪ ପର୍ଯ୍ୟନ୍ତ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବେ ନିରନ୍ତର ସେବା ଓ ସୁଶାସନ କରି ଆସିଛନ୍ତି । ସମଗ୍ର ଦେଶରେ ଏହି ଦିନକୁ ଆଡମ୍ବର ସହକାରେ ସେବା ଜ୍ୟୋତି ଯାତ୍ରା ଭାବରେ ପାଳନ କରାଯିବ । ଆଜି ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆସନ୍ତା ତା:୭/୧୦/୨୦୨୬ ରିଖ ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ରେ ପୂର୍ବତନ



କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ସାଧାରଣ ସଂପାଦକ ସୁଦିପ୍ ଗଡ଼ନାୟକ, ପ୍ରଭାତ କୁମାର ପ୍ରଧାନ ଓ ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲାର ବରିଷ୍ଠ ନେତୃ ମଣ୍ଡଳୀ , ଜିଲ୍ଲା ପଦାଧିକାରୀ, ଜିଲ୍ଲାର ସମସ୍ତ ମୋର୍ଚ୍ଚା ସଭାପତି, ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ମାନେ ଯୋଗ ଦେଇଥିଲେ ।

# 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ'ରେ ଯୋଡ଼ି ହେଲା 'ଫ୍ରି ଦି ଟ୍ରି' କ୍ୟାମ୍ପେନ

ବ୍ରହ୍ମପୁର,୬।୧୦(ଅଭିଜିତ କର): ସ୍ଥାନୀୟ ପୁରୁଣା ବସ୍ ?ଷ୍ଟାଣ୍ଡ ଠାରୁ ଷ୍ଟେଟ୍ ? ବ୍ୟାଙ୍କ ମୁଖ୍ୟ ଛକ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ବୃକ୍ଷ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ମହାନଗର ନିଗମ ଓ ବ୍ରହ୍ମପୁର ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ଆଜି 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନରେ ପରିବେଶ ସୁରକ୍ଷାକୁ ସାମିଲ କରି 'ଫ୍ରି ଦି ଟ୍ରି' କ୍ୟାମ୍ପେନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ସହରକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତେ ମିଳିତ ଭାବେ ବୃକ୍ଷର ସୁରକ୍ଷା କରିବା ସହ ଗଛ ଗୁଡ଼ିକରେ କଣ୍ଟା ଓ ହୋର୍ଡିଂ ନଲଗାଇବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର, ବିଏମସି କମିଶନର ଆକବରମ୍ ? ସସ୍ୟା ରେଡ୍ଡୀ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ ଶତପଥୀ ପ୍ରମୁଖ ସାମିଲ ହୋଇ ରାସ୍ତା କଡ଼ର ବୃକ୍ଷ ଗୁଡ଼ିକରେ ଲାଗିଥିବା ଟ୍ରି ଗାର୍ଡ, କଣ୍ଟା ଓ ହୋର୍ଡିଂ ହଟାଯାଇଥିଲା। ପ୍ରାୟ



୧୭ଟି ଗଛରୁ ଟ୍ରି ଗାର୍ଡ ହଟା ଯାଇଥିବା ବେଳେ, ୩୦ରୁ ଅଧିକ ଗଛ ମୂଳରୁ ପ୍ଲାଷ୍ଟିକ ଓ କଂକ୍ରିଟ୍ ? ହଟା ଯାଇଥିଲା। ଏଥିସହ ଏକ ଦୋକାନରୁ ବିକ୍ରି ହେଉଥିବା ତମାଖୁ ଓ ଗୁଟଖା ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଏନେଇ ମେୟର ଶ୍ରୀମତୀ ଦଳେଇ ବୃକ୍ଷରେ ବେଆଇନ ଭାବେ ହୋର୍ଡିଂ ଓ କଣ୍ଟା ଲଗାଇଲେ ଆଗାମୀ ଦିନରେ ବିଏମସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଜିଲ୍ଲାପାଳ ଶ୍ରୀ ଭାସନ୍ 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଧୀନରେ 'ଫ୍ରି ଦି ଟ୍ରି' କ୍ୟାମ୍ପେନକୁ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ । ସେହିପରି ବୃକ୍ଷରେ କଣ୍ଟା ମାରିବା ଓ ହୋର୍ଡିଂ ଲଗାଇବା ଦ୍ୱାରା ଗଛରେ ସୃଷ୍ଟି ହେଉଥିବା କ୍ଷତି ସମ୍ପର୍କରେ ବିଏମସି କମିଶନର ଓ ବନଖଣ୍ଡ ଅଧିକାରୀ ଲୋକଙ୍କୁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପାତ୍ର, ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ବ୍ରହ୍ମପୁର ରେଞ୍ଜର ବିମ୍ବାଧର ସାହୁ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର, ପରିବେଶବିତ୍ ସ୍ୱାଧୀନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ବନ୍ଦକୁ ନେଇ କୋଇଡା କଂଗ୍ରେସର ପ୍ରସ୍ତୁତି ବୈଠକ

କୋଇଡା ,୬।୧୦ :(ମନ୍ଥନ) ପ୍ରଦେଶ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକୁ ମେ ଆସନ୍ତା ଅକ୍ଟୋବର ୮ ତାରିଖରେ ଭୋଟ୍ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ନାରାରେ ଜିଲ୍ଲାସ୍ତରୀୟ 'ଗଣତନ୍ତ୍ର ବଞ୍ଚାଅ ଓଡ଼ିଶା ଚନ୍ଦ,ଏମ୍. ଏମ୍.ଡି.ଆର ଆଇନ ରଦ୍ଦ କରିବା, ଜ୍ଞାନେଶ କୁମାରଙ୍କ ଇସ୍ତଫୀ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି ଦାବି କୁ ନେଇ ଅକ୍ଟୋବର ୮ ତାରିଖରେ ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି । ଏହି ପରିପେକ୍ଷୀ ରେ ବଣାଇଁ ପୂର୍ବତନ କଂଗ୍ରେସ ବିଧାୟକ ଜନାର୍ଦ୍ଦନ ଦେହୁରୀ ଏବଂ କୋଇଡା ବ୍ଲକ କଂଗ୍ରେସ ସଭାପତି ସନାତନ ଘଣା ଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କୋଇଡା



ପଞ୍ଚାୟତ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୋଇଡା ପୂର୍ବତନ ଜିଲ୍ଲା ପରିଷଦ ପରମେଶ୍ୱର ନାଏକ, ଜିଲ୍ଲା ସମ୍ପାଦକ ଲଛିନ୍ଦ୍ର ପ୍ରସାଦ ଦାସ, ସନ୍ଧ୍ୟାରାଣୀ ନାଏକ, ଛୋଟରାଇ ନାଏକ,ଇନ୍ଦ୍ରମଣି ବେହେରା, ରାଜକିଶୋର ପାତ୍ର,ଅବଦୁଲ ବାରି, ଆନସାରୀ ବାବୁ,ଶିବଶଙ୍କର ନାଏକ, ଇନ୍ଦୁ ମୁଣ୍ଡାରୀ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖର ବନ୍ଦକୁ ସଫଳ କରିବା ପାଇଁ ରୋଡ ମେପ ପ୍ରସ୍ତୁତ କରିବା ସହ ଜନସାଧାରଣଙ୍କ ମଧ୍ୟ ଅନୁରୋଧ କରାଯାଇଛି ।

# ପର୍ଯ୍ୟଟକଙ୍କ ବସରୁ ଚୋରି ପୁଲିସ ପାଟ୍ରୋଲିଙ୍ଗ ଠପ

ଗୋପ, ୬।୧୦ :(ମନ୍ଥନ) ଦିନକୁଦିନ କୋଣାର୍କରେ ଚୋରି, ରହାଜାନି ବର୍ଦ୍ଧିବାରେ ଲାଗିଛି। ଏଠାରେ ପୁଲିସ ଭିଆଇପିଙ୍କ ସୁରକ୍ଷାରେ ବ୍ୟସ୍ତ ରହୁଥିବାବେଳେ ପର୍ଯ୍ୟଟକମାନେ ଲୁଟର ଶିକାର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୃବର୍ତ୍ତମାନେ ଏକ ପର୍ଯ୍ୟଟକଙ୍କ ବସରୁ ଟଙ୍କା, ମୋବାଇଲ ଓ ଗାଡ଼ି କାଗଜପତ୍ର ଆଦି ଚୋରି କରିଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ, ବସଷ୍ଟାଣ୍ଡ ନିକଟ ଏକ ଲଜରେ କର୍ଣ୍ଣାଟକର ଏକ ପର୍ଯ୍ୟଟକ ବସ ସନ୍ଧ୍ୟା ସମୟରେ ରାତ୍ରି ରହଣି କରିଥିଲା। ପର୍ଯ୍ୟଟକମାନେ ବସରେ ଜିନିଷପତ୍ର ରଖି ଲଜରେ ରାତ୍ରି ଯାପନ କରିଥିଲେ। ବିଳମ୍ବିତ ରାତିରେ ଦୃବୃତମାନେ ବସ୍ କାଚ ଖୋଲି ଗୋଟିଏ ମୋବାଇଲ,୫ହଜାର ଟଙ୍କା,ଗାଡ଼ି କାଗଜପତ୍ର ଆଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳୁ ପର୍ଯ୍ୟଟକମାନେ ଲୁଟ୍ ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣା ସମ୍ପର୍କରେ କୋଣାର୍କ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି । ପ୍ରଶାସନ କୋଣାର୍କ ରିଙ୍ଗ ରୋଡ ଛକରେ କ୍ୟାମେରା ଲଗାଇ ଚାଲାଣ କାଟିବାରେ ବ୍ୟସ୍ତ । ହେଲେ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ କୋଣାର୍କ ବାସିନ୍ଦାମାନଙ୍କ ଧନଜୀବନ ଅସୁରକ୍ଷିତ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ମୁଖ୍ୟ ମନ୍ତ୍ରୀ ଓ ରକ୍ଷାମନ୍ତ୍ରୀଙ୍କ ଦ୍ୱାରା ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍‌ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟିତ

କୋରାପୁଟ,୬।୧୦ :(ମନ୍ଥନ) କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍‌ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍‌ଚରିଙ୍ଗ୍ ଲାଇନ୍ କୁ ରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି । ଆହୁରି ସେ କହିଛନ୍ତି ଯେ, କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ୍, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ଓଡିଶାରେ ଏକ ଆଧୁନିକ ଡିଫେନ୍ସ ମାନୁଫାକ୍‌ଚରିଙ୍ଗ୍ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ । ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର



ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିକ୍ଷାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍ ?ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥଲେ। ହାଲ୍ କୋରାପୁଟ ଡିଭିଜନ୍ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ବିଷୟରେ ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଗତ ୬୦ ବର୍ଷ ଧରି ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି। ଆଜି ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍‌ଚରିଙ୍ଗ୍ ଲାଇନ୍‌ର ଉଦ୍‌ଘାଟନ ଏବଂ ୨୦୦୦ତମ ଇଞ୍ଜିନ୍‌ର ହସ୍ତାନ୍ତର ଭାରତର ବୃଦ୍ଧିପାଉଥିବା ପ୍ରତିରକ୍ଷା ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ। ଲାଇଟ୍ ହେଲିକପ୍ଟର ପାଇଁ ନିର୍ମିତ ଏହି ଦ୍ୱିତୀୟ ଲାଇନ୍ ଦ୍ୱାରା ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ୍ ଉତ୍ପାଦନ ହୋଇପାରିବ। ଏହାଛଡ଼ା ଏଲ୍-୩୧ ପିଏଫ୍ ଇଞ୍ଜିନ୍ ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୦ରୁ ୫୦କୁ ବୃଦ୍ଧି କରାଯାଉଛି। ବର୍ତ୍ତମାନ ହାଲ୍ କୋରାପୁଟ ଡିଭିଜନ୍ ୧୬୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଥିଲେ ।ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଆସିବା ପରଠାରୁ ପ୍ରାୟ ୨୨.୫ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବ ମିଳିଛି, ଯାହା ମଧ୍ୟରୁ ୧୨.୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇସାରିଛି। ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ୧୫୨ଟି ଶିଳ୍ପର ଗ୍ରାଉଣ୍ଡିଙ୍ଗ୍ ହୋଇସାରିଛି, ଯାହା ଦ୍ୱାରା ୨.୫୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ବର୍ତ୍ତମାନ କେବଳ ଅଳ୍ପ କେତୋଟି ଜିଲ୍ଲାରେ ଶିଳ୍ପ ସୀମିତ ନରହି ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ସ୍ଥାପନ କରାଯାଉଛି। ସେମିକଣ୍ଡକ୍ଟର କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ନରାଜଠାରେ ୮୭୦ ଏକର ପରିମିତ ସ୍ଥାନରେ 'ଓଡ଼ିଶା ସିଲିକନ ଭ୍ୟାଲି' ପ୍ରତିଷ୍ଠା କରାଯାଉଛି ଏବଂ ସିକ୍‌ସେମ ଓ ୩ଡିଏଜିଏସ୍ ପରି ପ୍ରକଳ୍ପଗୁଡ଼ିକ ନିର୍ମାଣାଧୀନ ଅଛି, ଯାହା ଭାରତକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ ।

# ଓଡ଼ିଆ ଫାଉଣ୍ଡେସନ ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ

ତିର୍ତ୍ତୋଲ,୬।୧୦ :(ମନ୍ଥନ)ରାଜ୍ୟରେ ଗୋଟିଏ ପଟେ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଖାଦ୍ୟ ବସ୍ତ୍ର ବାଣ୍ଟୁଥିବା ଥିବା ବେଳେ କିଛି ଅନୁଷ୍ଠାନ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ସହିତ ଦୁଃଖୀରଙ୍କି ମାନଙ୍କ ସେବା କରିବା, ବିଭିନ୍ନ ସମୟରେ ନଜରକୁ ଆସିଥାନ୍ତି । ସେହିପରି ଓଡ଼ିଆ ଫାଉଣ୍ଡେସନ ନାମକ ଏକ ଅନୁଷ୍ଠାନ ର ସଦସ୍ୟ ମାନେ ଗାନ୍ଧୀ ଜୟନ୍ତୀ ରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା କିଛି ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ ଗାନ୍ଧୀ ଜୟନ୍ତୀ ଦିନ ଡାକ୍ତରଖାନା କୁ ଡକ୍ଟର ଙ୍କ ପରାମର୍ଶ ପାଇଁ ଆସୁଥିବା ବୟସ୍କ ବୃଦ୍ଧ ଲୋକ ମାନଙ୍କୁ ଫଳ, ବିସ୍କୁଟ, ମିଶ୍ଚର୍ ଇତ୍ୟାଦି ବଣ୍ଟନ କରାଉଥିବା ଦେଖିବାକୁ ମିଳିଥିଲା। ଗାନ୍ଧୀ ଜୟନ୍ତୀ ରେ ଓଡ଼ିଆ ଫାଉଣ୍ଡେସନ ର ଏଭଳି ପ୍ରାୟାସ କୁ ସ୍ଥାନିୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୬।୧୦ :(ମନ୍ଥନ) ଚଳିତବର୍ଷ କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜାକୁ ଶହେବର୍ଷ ପୁରୁଛି। ପୂଜାକୁ ଶାନ୍ତି,ଶୃଙ୍ଖଳାର ସହ ସମାପନ କରିବା ପାଇଁ ସୋମବାର ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶହେବର୍ଷ ପୂର୍ତ୍ତି ହେଉଥିବାରୁ ପୂଜାକୁ ଅଧିକ ରଙ୍ଗାୟିତ କରିବା ପାଇଁ ମେଲୋଡି କାର୍ଯ୍ୟକ୍ରମକୁ ରାତି ୧୨ଟା ପର୍ଯ୍ୟନ୍ତ ଚଲାଇ ରଖିବା, ପୂଜା ଆରମ୍ଭ ଦିନରୁ ପ୍ରତ୍ୟେହ ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ଓ ମେଲଣ ଏବଂ ଭଷାଣୀ ଦିନ ରାତି ୧୨ଟା ପର୍ଯ୍ୟନ୍ତ ସାଉଣ୍ଡସିଷ୍ଟମ ଓ ବାଜା ବଜାଇବାକୁ ଅନୁମତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଗତ ବର୍ଷ ଭଷାଣୀ ଉତ୍ସବରେ ରାତି ୧୦ଟା ବାଜିବା କ୍ଷଣି ପୋଲିସ ମାଇକ ଓ ବାଜାକୁ ବନ୍ଦ କରିଦେବାରୁ କମିଟି ସଦସ୍ୟଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପୁନର୍ବାର ବାଜା ବଜାଇବାକୁ ଅନୁମତି ପ୍ରଦାନ କରାଯିବା ପରେ ଶାନ୍ତି,ଶୃଙ୍ଖଳା ସହିତ ଭଷାଣୀ ଉତ୍ସବ ସମାପନ ହୋଇଥିଲା। ଚଳିତ ବର୍ଷ ସେଭଳି ନକରିବାକୁ ନିବେଦନ କରାଯାଇଥିଲା। ଏଥିସହ ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ଗଠନ, ପୂଜା କମିଟି ଗୁଡ଼ିକୁ ସିଙ୍ଗଲ ଉଇଣ୍ଡୋ ମାଧ୍ୟମରେ ଅନୁମତି ପତ୍ର ପ୍ରଦାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକୀକରଣ ଓ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଆଇନ ଚାନ୍ଦା ଆଦାୟ ରୋକିବା ଏବଂ ନିଶା ନିବାରଣ ପ୍ରଭୃତି ବିଷୟ ଗୁଡିକ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହି ଶତବାର୍ଷିକୀକୁ ମହାଆଡମ୍ବର ସହକାରେ ପାଳନ କରାଯିବା ନିମନ୍ତେ ବିଶେଷ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଶତବାର୍ଷିକୀ ଉପଲକ୍ଷେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ କରାଯିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ଜରୁରୀକାଳୀନ ସେବା ପାଇଁ ରାସ୍ତା ସୁଗମ ରଖିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସଂପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଲେ ଆସନ୍ତା ୧୩ତାରିଖ ମଧ୍ୟରେ ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ କେନ୍ଦ୍ରାପଡା ସହରକୁ ସଂଯୋଗ କରୁଥିବା ବିଭିନ୍ନ ବିଭାଗର ରାସ୍ତା ଗୁଡିକର ମରାମତି ମଧ୍ୟ ଆସନ୍ତା ୧୩ତାରିଖ ମଧ୍ୟରେ ଶେଷ କରିବାକୁ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାବ୍ୟତିତ ଗଜଲକ୍ଷ୍ମୀ ପୂଜା ଆରମ୍ଭ ଠାରୁ ଭଷାଣୀ ପର୍ଯ୍ୟନ୍ତ ଦୈନିକ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ଦେବାକୁ ବିଧାୟକ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ତିନିମୁହାଣୀ ଛକରେ ଗଜଲକ୍ଷ୍ମୀ ପୂଜା ଶତବାର୍ଷିକୀ ଉପଲକ୍ଷେ ପୌରସଂସ୍ଥା ପକ୍ଷରୁ ଏକ ତୋରଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଦୁହୁରିଆ, ଗୁଲନଗର ଓ କପାଳେଶ୍ୱର ପଞ୍ଚାୟତର ଗରାପୁର ଛକରେ ଶତବାର୍ଷିକୀ ଉପଲକ୍ଷେ ତୋରଣ ଓ ଲାଇଟ ସାଜସଜ୍ଜା ସହ ଅସ୍ଥାୟୀ ପରିମଳ ବ୍ୟବସ୍ଥା କରାଯିବାକୁ ଜିଲ୍ଲାପାଳ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦଶ ଦଫା ଦାବି ପୂରଣ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବୁଗୁଡ଼ା,୬।୧୦ :(ମନ୍ଥନ) ଆସନ୍ତା ୧୨ ତାରିଖ ଦିନ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ଦଶ ଦଫା ଦାବି ପୂରଣ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଥିବାବେଳେ ସେହି ଦିନ ବୁଗୁଡା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖିବା ନେଇ ଏକ ଲିଖିତ ଦରଖାସ୍ତ ସିଡିପିଓଙ୍କୁ ଦେବାକୁ ଆସିଥିଲେ। ଏଥି ସହ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଏବଂ ଶିଶୁଙ୍କ ସମସ୍ୟା ସମ୍ପର୍କରେ ସିଡିପିଓଙ୍କ ସହ ଆଲୋଚନା କରିବାକୁ ଲକ୍ଷ୍ୟ ରଖିଥିଲେ। ଏଥି ନିମନ୍ତେ ବୁଗୁଡା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ସଭାନେତ୍ରୀ ବାସନ୍ତୀ କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀଗଣ ଅପରାହ୍ନରେ ଆଇସିଡିଏସ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ସିଡିପିଓ କାର୍ଯାଳୟ ଛାଡି



ଚାଲିଯାଇଥିଲେ। ଅଙ୍ଗନୱାଡି କର୍ମୀମାନେ ସିଡିପିଓଙ୍କ ଫେରିବା ବାଟକୁ ଅପେକ୍ଷା କରି ଅଫିସ୍ ବାରଣ୍ଡାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଲେ। ଘଣ୍ଟା ଘଣ୍ଟା କାଳ ଅପେକ୍ଷା କରିବା ପରେ ଦରଖାସ୍ତଟିକୁ କାର୍ଯ୍ୟାଳୟ କିରାଣୀଙ୍କୁ ଦେଇଦେବା ନେଇ ସିଡିପିଓଙ୍କଠାରୁ ନିର୍ଦ୍ଦେଶ ମିଳିଲା। ବିଭାଗୀୟ ଅଧିକାରିଣୀଙ୍କ ନିର୍ଦ୍ଦେଶକୁ ଅବମାନନା ନକରି ଅଙ୍ଗନୱାଡି କର୍ମୀମାନେ କିରାଣୀକୁ ଦରଖାସ୍ତଟିକୁ ଦେଇ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ସହ ଆଲୋଚନା କରିନପାରି ଅସନ୍ତୋଷ ଓ ନିରାଶ ମନରେ ଫେରିଥିଲେ। ତେବେ ବୁଗୁଡା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏବଂ ଅଙ୍ଗନୱାଡି କର୍ମୀବୃନ୍ଦଙ୍କ ମଧ୍ୟରେ ସମନ୍ୱୟର ଅଭାବ ଅଞ୍ଚଳର ଶିଶୁଙ୍କ ବିକାଶରେ ଅନ୍ତରାୟର ସମ୍ଭାବନା ସୃଷ୍ଟି କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ଜଣାଯାଇଛି।

ବୁଧବାର ୦୭ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Wednesday October 07, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କଠୋର ହେଉ ସରକାର

କାଶ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ। ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର। ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ। ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ। କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର। ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର। ଏହି ଲଢେଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ। ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ। ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ। କେବଳ ଜଣେ ଯୁବକକୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ। ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର। ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ? ଗ୍ଲାଇକଲ୍ ? ଓ ଇଥିଲିନ୍ ? ଗ୍ଲାଇକଲ୍ ? ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି। ତେଣୁ କାଶି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ। ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ। ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଚ୍ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ। ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ। ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର। ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ତା'ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ। ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ। ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖିଚୁଣି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର। ଆଉ ଏକ ଦାୟିତ୍ୱ ହେଉଛି—ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ। ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ। ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର। ଏହି ଲଢେଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାଶି ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ। ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି। ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ। କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶି ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର। ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ। ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ। ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶି ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ। ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର।

# ବିଶ୍ୱମାତାଙ୍କ ପାଇଁ ଦିନଟିଏ

**ଅଲେଖ ଚନ୍ଦ୍ର ସାମଲ**

ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି । ଆମ ଆଖପାଖରେ ଦେଖୁଛୁ ଯେ ଆମ ମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୁକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ । ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଈଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଇଥାଉ । ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହଡା ହୋଇଗଲେ ଗୋରୁ ହାଟରେ ପଣ୍ୟ ହୋଇଯାଏ । ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ । କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘ ଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ । ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତ୍ତୀ ହୋଇ ନିଜେ ନିୟମକୁ ମୋଡ଼ିମାଡି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୁକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ । ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୂଗୋଳ ପୋଥିପତରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୁକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କର ଆକୁଳ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାପବରେ ନିଜେ ଦେଖିଥିଲା । କୃତ୍ୟକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମ ସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଈଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ ।

ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରାଃ । ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ । ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର । ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ । ଯିଏ ଦିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ । ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ ପାଇଁ ସେ ତାର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା । ବଳଦ ସେହିପରି ମୁକ ପ୍ରାଣୀଟିଏ ଯିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ । ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ ହେଲେ ହଡା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଞ୍ଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ । ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖିଥାଉ । ସେମାନେ ରାସ୍ତାରେ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିସ୍ଚାତ ଦୂରର କଥା ପାଣି ମୁନ୍ଦାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ । ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ । ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ । ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ । ଏମିତି ପଶୁଟିଏ ଫିଟିଗଲେ କ'ଣ ଖାଇବାକୁ ପାଇବନି ଯେ ଯୁକ୍ତି ବି ଆମେ କରିଥାଉ ଯେ ଏମାନଙ୍କୁ କ'ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଇଥାଉ ? ସବୁ ଦେଇଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ । ଗାଈଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ । ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ । ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ । ବିଶ୍ୱସ୍ଥ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାହାରଟିଏ ସାର । ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘ ଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ । ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଇଥାନ୍ତି । ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ'ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ । ଦୁନିଆରେ କୃତଜ୍ଞତାର ପରିଭାଷା ବଦଳିଯାଆନ୍ତା । ଆସନ୍ତୁ ଆଜିପରି ପବିତ୍ର ଦିନରେ ଏହି ମୁକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ ।

ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ବ୍ରିକ୍ସର ସଫଳତାରେ ଚିନ୍ତିତ ପଶ୍ଚିମବିଶ୍ୱ

**ସୌମେନ୍ଦ୍ର ଜେନା**

ବ୍ରିକ୍ସ ଯେତେବେଳେ ଆରମ୍ଭ ହୋଇଥିଲା ସେହି ସମୟରେ ଜି-୭ ପରି ବଡ ରାଷ୍ଟ୍ର ଗୋଷ୍ଠି ନାଟୋ ପରି ଗୋଷ୍ଠି ଏହି ଛୋଟ ସମୂହକୁ ଢେର ସମାଲୋଚନା କରିଥିଲେ। ଏହାକୁ ଦୁର୍ବଳ ରାଷ୍ଟ୍ରଗୁଡିକର କ୍ଲବ କହି ଉପହାସ କରିଥିଲେ। କିନ୍ତୁ ଏବେ ବ୍ରିକ୍ସ ବିଶ୍ୱର ସବୁଠୁ ଅଧିକ ସଶକ୍ତ, ସକ୍ରିୟ ଏବଂ ପ୍ରଭାବଶାଳୀ ଗୋଷ୍ଠି ଭାବେ ସମ୍ମୁଖକୁ ଆସିଛି। ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହାର ସଫଳ ବୈଠକ ତାର ପ୍ରମାଣ । କାରଣ ପୂର୍ବ ବୈଠକ କାଜାନଠାରେ ହୋଇଥିଲା ବେଳେ ରାଷ୍ଟ୍ରଗୁଡିକର ମତପାର୍ଥକ୍ୟ ଯୋଗୁ ମିଳିତ ଘୋଷଣାନାମା ପ୍ରକାଶ ପାଇପାରି ନଥିଲା, ଯାହା ନୂଆଦିଲ୍ଲୀଠାରେ ହୋଇଛି। ଏଠାରେ ଆଉ ଏକ ସଫଳତାର ବିଷୟ ହେଲା ଯୁଦ୍ଧର ଘନଘଟା ମଧ୍ୟରେ ଇରାନ-ସଂଯୁକ୍ତ ଆରବ ଅମିରାତ ପରି ଦୁଇ ଶତ୍ରୁରାଷ୍ଟ୍ରର ମୁହାଁମୁହିଁ ଆଲୋଚନା । ଭାରତ-ଚୀନ ପରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତି । ପଶ୍ଚିମବିଶ୍ୱର ବହୁରାଷ୍ଟ୍ରଙ୍କ ବିରୋଧ ଓ କଟକଣାକୁ ସାମ୍ନା କରିଆସିଥିବା ରୁଷିଆର ରାଷ୍ଟ୍ରପତିଙ୍କ ଏଠାରେ ଉପସ୍ଥିତି ଏବଂ ପୁଟିନଙ୍କ ଜବରଦସ୍ତ ସ୍ୱାଗତ । ଇରାନର ରାଷ୍ଟ୍ରପତି ପେଜେସ୍କିୟାନଙ୍କ ହାତଧରି ମୋଦି ସ୍ୱାଗତ କରି ନେବା, ଦକ୍ଷିଣବିଶ୍ୱର ନେତାମାନଙ୍କୁ ଆଲୋଚନାରେ ସ୍ଥାନ ଓ ସମ୍ମାନ ଦେବା, ପଶ୍ଚିମବିଶ୍ୱର ଆର୍ଥିକ କଟକଣା ମଧ୍ୟରେ ବାଣିଜ୍ୟ ଏବଂ ଯୋଗାଣକୁ ଜାରି ରଖିବା ପାଇଁ ବିକଳ୍ପ ମାର୍ଗର ସନ୍ଧାନ କରିବା, ସମୁଦ୍ରପଥକୁ ବାଣିଜ୍ୟ ନିମନ୍ତେ ଉନ୍ମୁକ୍ତ ରଖିବା, ମୂଲ୍ୟବାନ ଖଣିଜ ସଂପଦର ଯୋଗାଣ ଉପରେ ଜୋରଦେବା ଆଦି ବିଷୟ ଉଲ୍ଲେଖନୀୟ ଥିଲା।

ସେପ୍ଟେମ୍ବର ୧୨ ଓ ୧୩ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ବ୍ରିକ୍ସର ୧୮ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । "ନମନୀୟତା, ନବସର୍ଜନ, ସହଯୋଗ ଏବଂ ନିରନ୍ତରତା" ସଂପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଅନେକଗୁଡିଏ ରାଷ୍ଟ୍ରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ୧୨ ସେପ୍ଟେମ୍ବର ୨୦୨୬ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା। ଏଥିରେ ବହୁପାକ୍ଷିକ ସ୍ୱାର୍ଥ, ବିଶ୍ୱଶାନ୍ତି, ବିଶ୍ୱର ସମୃଦ୍ଧି ବିଷୟରେ ଅନେକ ଭଲ ବିଚାର ସମସ୍ତଙ୍କ ସମ୍ମୁଖକୁ ଆସିଥିଲା । ଦୁଇ ଦଶନ୍ଧିର ଉଦ୍ୟମ ପରେ ନୂଆଦିଲ୍ଲୀଠାରେ ସବୁରାଷ୍ଟ୍ର ନିଜ ନିଜର କ୍ଷୁଦ୍ରସ୍ୱାର୍ଥକୁ ଭୁଲି ବିଶ୍ୱର ବୃହତ୍ତର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବାକୁ ଯେପରି ସଂକଳ୍ପବଦ୍ଧ ହେଲେ ତାହା ସବୁଠୁ ବଡକଥା । ଏକଦା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ କେନ୍ଦ୍ରକରି ଏହି ଗୋଷ୍ଠି ଆରମ୍ଭ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ୧୧ସଦସ୍ୟରାଷ୍ଟ୍ର ଏବଂ ୧୦ ସହଯୋଗୀ ରାଷ୍ଟ୍ରଙ୍କୁ ନିଜ ସହ ସାମିଲ କରିଛି । ୧୧ ପୂର୍ଣ୍ଣ ସଦସ୍ୟ ହେଲେ ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପଟ, ଇଥିଓପିଆ, ଇଣ୍ଡୋନେସିଆ, ୟୁଏଇ, ସାଉଦି ଆରବ ଏବଂ ଇରାନ । ସହଯୋଗୀ ରାଷ୍ଟ୍ରଗୁଡିକ ହେଲେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ,ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ।

ବ୍ରିକ୍ସ -୨୦୨୬ର ବିଷୟ ଅନୁଯାୟୀ ନବସର୍ଜନକୁ ଅଧିକ ଜୋର ଦିଆଯାଇଥିଲା । ସଦସ୍ୟରାଷ୍ଟ୍ରଗୁଡିକ ଡିଜିଟାଲ ଢାଞ୍ଚା ନିର୍ମାଣ, ଟେକ୍ନୋଲୋଜୀ କ୍ଷେତ୍ରରେ ନବାଚର, ଆର୍ଥିକ କ୍ଷେତ୍ରରେ ଟେକ୍ନୋଲୋଜୀର ବ୍ୟବହାର, କୃତ୍ରିମ ବୁଦ୍ଧିମତ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେମିତି ସମୃଦ୍ଧି ପାଇଁ ଆର୍ଥିକ ଶକ୍ତିବୃଦ୍ଧି, ବୈଶ୍ୱିକ ଅନିଶ୍ଚିତତାର ସମ୍ମୁଖୀନ ହେବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥାର ନିର୍ମାଣ, ଯୋଗାଣରେ ବ୍ୟାଘାତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନ ଏବଂ ପାଣିପାଗ ପରିବର୍ତ୍ତନଜନିତ ସଂକଟର ସମ୍ମୁଖୀନ ହେବାକୁ ସଦସ୍ୟ ରାଷ୍ଟ୍ର ପ୍ରସ୍ତୁତ ରହିବାକୁ କୁହାଯାଇଥିଲା। ସହଯୋଗ ଦୃଷ୍ଟିରୁ ସଦସ୍ୟ ରାଷ୍ଟ୍ରଗୁଡିକୁ ନୀତି ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ, ବିକାଶ ପାଇଁ ଅର୍ଥ ଯୋଗାଣ, ବାଣିଜ୍ୟ ସୁବିଧା, ପ୍ରଶାସନିକ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର, ଲୋକ କୈନ୍ଦ୍ରିକ ସହଯୋଗ ବୃଦ୍ଧିପାଇଁ କୁହାଯାଇଥିଲା। ନିରନ୍ତର ବିକାଶ ପାଇଁ ଜଳବାୟୁ ପରିବର୍ତ୍ତନ, ସବୁଜ ଅର୍ଥନୀତି,ଶକ୍ତିଗତ ଅସ୍ଥିରତାର ସମ୍ମୁଖୀନ ହେବାପାଇଁ ମିଳିତ ପ୍ରୟାସ ଉପରେ ଜୋର ଦିଆଯାଇଥିଲା । ଚଳିତବର୍ଷ ପ୍ରତୀକ ଚିହ୍ନ ସ୍ୱରୂପ ପ୍ରସ୍ଫୁଟିତ ପଦ୍ମଫୁଲକୁ ନିଆଯାଇଥିଲା, ଯାହା ପାଞ୍ଚଟି ପାଖୁଡା ଦର୍ଶାଉଥିଲା। ଏହି ପାଞ୍ଚଟି ପାଖୁଡା ବ୍ରିକ୍ସର ପ୍ରତିଷ୍ଠାତା ପାଞ୍ଚଟି ସଦସ୍ୟରାଷ୍ଟ୍ରକୁ ବୁଝାଇଥାଏ। ପାଖୁଡାର ରଙ୍ଗ ଭିନ୍ନ ଭିନ୍ନ ହୋଇଥିଲେ ହେଁ ତାହା ସଦସ୍ୟ ରାଷ୍ଟ୍ରଗୁଡିକର ମିଳିତ ଶକ୍ତି ଓ ଏକତାକୁ ଦର୍ଶାଇଥାଏ। ବ୍ରିକ୍ସର ପରିଚୟ ମୂଳରେ ତିନୋଟି ମୁଖ୍ୟ ଆଧାର ରହିଛି ତାହା ହେଲା ରାଜନୈତିକ ଓ ସୁରକ୍ଷାଗତ ସହଯୋଗ, ଅର୍ଥ ଓ ଅର୍ଥନୀତିରେ ସହଯୋଗ, ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗ ବୃଦ୍ଧି। ସମନ୍ୱୟ, ମିଳିତ ବିକାଶ, ଆଲୋଚନା ହିଁ ପ୍ରକୃତ ବିକାଶର ସ୍ତମ୍ଭ ବୋଲି ଦର୍ଶାଯାଇଛି। ତେଣୁ ବ୍ରିକ୍ସ ୨୦୨୬ର ପ୍ରତୀକ ଭାରତୀୟ ସଂସ୍କୃତି, ଆଧାରିତ। ବ୍ରିକ୍ସର ଆଲୋଚନା ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜ ନିଜର ବାଣିଜ୍ୟିକ କାର୍ଯ୍ୟ କରିପାରିବେ ବୋଲି ସ୍ଥିର ହୋଇଥିଲା। ପୂର୍ବରୁ ଡଲାର ବିନିମୟରେ ଯେଉଁ ବ୍ୟବସାୟ ହେଉଥିଲା ଏବେ ତାହା ନକରି ସେମାନେ ନିଜ ନିଜର ଇଲେକଟ୍ରୋନିକ ଦେଣନେଣ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଉଚିତ ବିନିମୟ ମୁଦ୍ରା ଦେଇ ବାଣିଜ୍ୟ କରିପାରିବେ। ଏହା ହେଲେ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ସେଥିପାଇଁ ଏକ ବ୍ୟବସ୍ଥା ନିର୍ମାଣ ଉପରେ ସମସ୍ତେ ଜୋର ଦେଇଥିଲେ। ଏଥିମଧ୍ୟରୁ କେତେକ ଦେଶରେ ଭାରତର ୟୁପିଆଇ ପରି ସ୍ଥାନୀୟ ଦେଣ-ନେଣ ବ୍ୟବସ୍ଥା ରହିଛି। ସେଗୁଡିକୁ ପରସ୍ପର ମଧ୍ୟରେ ଯୋଡି ଦେଲେ ସୁବିଧା ହେବ ବୋଲି ମତପ୍ରକାଶ ପାଇଥିଲା । ବିଶ୍ୱର ୪୯.୫ ପ୍ରତିଶତ ଜନତା ବ୍ରିକ୍ସ ସଦସ୍ୟଙ୍କ ରାଷ୍ଟ୍ରରେ ଥିଲାବେଳେ ବିଶ୍ୱର ୨୬ପ୍ରତିଶତ ବାଣିଜ୍ୟ ଏହିସବୁ ଦେଶମାନଙ୍କ ହାତରେ ରହିଛି। ସଦସ୍ୟ ରାଷ୍ଟ୍ରଗୁଡିକର ମୋଟ ଜିଡିପି ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତ।

ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଚଲିଥିବା ବେଳେ ବ୍ରିକ୍ସର ବିଦେଶମନ୍ତ୍ରୀମାନଙ୍କର ପ୍ରଥମ ବୈଠକ ନିଉୟର୍କଠାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବିଧିବଦ୍ଧ ଭାବେ ଏହାର ଉଦ୍‌ଘାଟନୀ ସମାରୋହ ୨୦୦୯ରେ ରୁଷିଆର ୟାକଟେରିନବର୍ଗଠାରେ ହୋଇଥିଲା। ୨୦୦୯ରେ ବ୍ରିକ ଭାବେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ ଏହି ଚାରିଗୋଟି ଦେଶ ପ୍ରତିଷ୍ଠାତା ସଦସ୍ୟରାଷ୍ଟ୍ର ଭାବେ ସଂଗଠନକୁ ଆରମ୍ଭ କରିଥିଲେ । ଦ୍ୱିତୀୟ ବୈଠକ ୨୦୧୦ରେ ନିଉୟର୍କଠାରେ ବିଦେଶମନ୍ତ୍ରୀମାନଙ୍କର ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ସଂଗଠନରେ ସାମିଲ ହେବ ବୋଲି କୁହାଯାଉଥିଲେ ମଧ୍ୟ ୨୦୧୧ରେ ସାନୟାଠାରେ ଅନୁଷ୍ଠିତ ତୃତୀୟ ବ୍ରିକ୍ସ ବୈଠକରେ ଦକ୍ଷିଣ ଆଫ୍ରିକା ଯୋଗ ଦେବା ପରେ ଏହାର ନାମ ବ୍ରିକ୍ସ ହୋଇଥିଲା। ଜାନୁଆରୀ ୨୦୨୪ରୁ ପୂର୍ଣ୍ଣ ସଦସ୍ୟ ଭାବେ ଇଜିପଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇକୁ ଗ୍ରହଣ କରାଯାଇଥିଲା । ୨୦୨୫ରେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ଥାନ ଏବଂ ଭିଏତନାମ ଅଂଶୀଦାର ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଥିଲେ।

ଚଳିତବର୍ଷ ବ୍ରିକ୍ସର ସଦସ୍ୟ ରାଷ୍ଟ୍ରମାନଙ୍କର ମନ୍ତ୍ରୀ, ସାଂସଦ, ଏଜେନ୍ସୀଗୁଡିକର ମୁଖ୍ୟ, ଅଫିସର, ବିଶେଷଜ୍ଞ, ବ୍ୟବସାୟୀ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରାୟ ୪୦୦ଟି ଭିନ୍ନ ଭିନ୍ନ ସଭା ଭାରତର ୩୦ଟି ପ୍ରମୁଖ ସହରରେ ବର୍ଷର ଅଲଗା ଅଲଗା ସମୟରେ ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ବିକାଶଶୀଳ ଏବଂ କମ୍ ବିକଶିତ ରାଷ୍ଟ୍ରମାନଙ୍କୁ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ଏସିଆ ମହାଦେଶରୁ ପ୍ରତିନିଧିତ୍ୱ କରିବା ପାଇଁ ଏବଂ ବିଶ୍ୱର ନିଷ୍ପତ୍ତିରେ ଅଂଶୀଦାର ହେବା ପାଇଁ ସୁଯୋଗ ଦିଆଯିବାକୁ ବ୍ରିକ୍ସ ପକ୍ଷରୁ ମତପ୍ରକାଶ ପାଇଥିଲା । ଜାତିସଂଘର ପୁନର୍ଗଠନ, ଅଧିକ ସଦସ୍ୟ ରାଷ୍ଟ୍ରକୁ ସୁଯୋଗ, ଭାରତକୁ ସ୍ଥାୟୀ ସଦସ୍ୟ ଭାବେ ସୁରକ୍ଷା ପରିଷଦରେ ଗ୍ରହଣ ଓ ଭେଟୋ ଅଧିକାର ପ୍ରଦାନ ପାଇଁ ସମସ୍ତେ ସମର୍ଥନ କରିଥିଲେ । ଜାତିସଂଘର ସେକ୍ରେଟାରୀ ଜେନେରାଲ ଭାବେ ଏ ପର୍ଯ୍ୟନ୍ତ କୌଣସି ମହିଳାଙ୍କୁ ସୁଯୋଗ ମିଳିନାହିଁ। ଲାଟିନ ଆମେରିକା ଏବଂ କାରବିୟାନ ରାଷ୍ଟ୍ରରୁ ଜଣେ ମାତ୍ର ଏବଂ ଆଫ୍ରିକା ଓ ଏସିଆରୁ ଜଣେ ଲେଖାଁଏ ଏପର୍ଯ୍ୟନ୍ତ ଏହି ପଦବୀର ଅଧିକାରୀ ହୋଇଛନ୍ତି। ଆଫ୍ରିକୀୟମାନଙ୍କୁ ସଂପୂର୍ଣ୍ଣ ଭାବେ କ୍ରୀତଦାସତ୍ୱରୁ ମୁକ୍ତ କରିବା ସହ ସେଠାରେ ଉପନିବେଶବାଦ ହଟାଇବାକୁ ଦାବି କରାଯାଇଥିଲା । ୨୦୨୩ରେ ଜୋହାନ୍ସବର୍ଗ ଠାରେ ନେତୃବୃନ୍ଦଙ୍କ ଘୋଷଣାନାମରେ ଜାତିସଂଘ ସୁରକ୍ଷା ପରିଷଦର ବିସ୍ତାର କରିବା ପାଇଁ ମତ ପ୍ରକାଶ ପାଇଥିଲା। ଦକ୍ଷିଣ ବିଶ୍ୱକୁ ଜାତିସଂଘ ସଂଗଠନରେ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେବାକୁ ସଦସ୍ୟରାଷ୍ଟ୍ରଗୁଡିକଏକମତ ହୋଇଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ସୁଦ୍ଧା ପୂରଣ ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର କାର୍ଯ୍ୟ କରୁଥିବା କଥା ପ୍ରକାଶ ପାଇଥିଲା। ଯାହା ଫଳରେ ଭୋକମୁକ୍ତ ବିଶ୍ୱ, ବିକଶିତ ବିଶ୍ୱ ଗଠନ କରାଯାଇପାରିବ। ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ୧୯୫୫ରେ ଆୟୋଜିତ ଏସିଆ- ଆଫ୍ରିକା ସମ୍ମିଳନୀରେ ଯେଉଁ ସ୍ୱାଧୀନତା, ସମାନତା, ହସ୍ତକ୍ଷେପବିହୀନତା, ପାରସ୍ପରିକ ଲାଭ ଉପରେ ଜୋର ଦେବାକୁ ଯାହା କୁହାଯାଇଥିଲା ତାହା ପାଳନ କରାଯିବାକୁ କୁହାଯାଇଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କରେ ସ୍ୱଚ୍ଛତା, ଯୋଗ୍ୟତା ଆଧାରିତ ପ୍ରତିନିଧିତ୍ୱ, ଉନ୍ନତ ପରିଚାଳନା ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ବ୍ରିକ୍ସର ଘୋଷଣାନାମାରେ ବିଶ୍ୱବାଣିଜ୍ୟ ସଂଗଠନରେ ପ୍ରତିନିଧିତ୍ୱ ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ ଦୂରୀକରଣ ଏବଂ କ୍ରମବର୍ଦ୍ଧିଷ୍ଣୁ ବଜାର, ବିକାଶଶୀଳ ଅର୍ଥନୀତିକୁ ଜୋର ଦେବାପାଇଁ କୁହାଯାଇଛି। ଆର୍ଥିକ କଟକଣା ଲଗାଯିବା ଅଭ୍ୟାସକୁ ବିରୋଧ କରାଯିବାକୁ କୁହାଯାଇଛି।

ଏହି ଘୋଷଣାନାମାରେ ସୁରକ୍ଷା ପାଇଁ ପାରସ୍ପରିକ ସହଯୋଗ ଏବଂ ଅସ୍ତ୍ରଯୋଗାଣ ବୃଦ୍ଧି ନୀତି ଯୋଗୁ ଆଗାମୀ ଦିନରେ ଆମେରିକା ଏବଂ ପଶ୍ଚିମବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକର ଅର୍ଥନୀତି ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ। ନାଟୋ ମେଣ୍ଟ ଏବଂ ରୁଷିଆ ମଧ୍ୟରେ ଯୋଗାଣଗତ ଦୂରତା ଯେତେ ବଢିବା ଆଗାମୀ ଦିନମାନଙ୍କରେ ସେତେ ଅସ୍ଥିରତା ସୃଷ୍ଟି ହେବ। ଦୁଇ ବୃହତଶକ୍ତି ଚୀନ ଓ ଭାରତ ଏବେ ରୁଷିଆ ସହ ରହିବା ଯୋଗୁ ଆମେରିକାର ଅର୍ଥନୀତି ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ। ତେଣୁ ଟ୍ରମ୍ପ ଟାରିଫ ଭୟ ଦେଖାଉଛନ୍ତି। ଏଣେ ଇରାନକୁ ବ୍ରିକ୍ସର ସମର୍ଥନ ମିଳିବା ଯୋଗୁ ସେ ଆମେରିକାର ସହଯୋଗୀ ଆରବ ରାଷ୍ଟ୍ରଗୁଡିକରେ ଅଧିକ କ୍ଷତି ଘଟାଇବ। ଅସ୍ତ୍ରଭଣ୍ଡାର ବଢାଇବା ଏବଂ ପ୍ରକୃତ ଯୁଦ୍ଧଭୂମିରେ ତା'ର ପ୍ରୟୋଗ ଯୋଗୁ ସଫଳତା ଲାଭ କରିବା ଦୁଇଟି ଭିନ୍ନ ବିଷୟ। ଆମେରିକା-ସାଉଦି ଆରବ ସଂପର୍କ ବୃଦ୍ଧି ଆଗାମୀ ଦିନରେ ଆରବ ଜଗତର ଅଧିକ କ୍ଷତି କରିବ । ଏଣେ ସ୍ଥାନୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ବ୍ୟବସାୟ ପାଶ୍ଚାତ୍ୟ ବିଶ୍ୱର ଡଲାର-ପାଉଣ୍ଡ ଗୁରୁତ୍ୱକୁ ହ୍ରାସ କରାଇବ। ସେହି ଲକ୍ଷ୍ୟରେ ଭାରତ ବହୁ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ଅନେକ ବିକଳ୍ପମାର୍ଗ ଖୋଲିବାରେ ଲାଗିଛି। ଅନ୍ୟମାନେ ମଧ୍ୟ ସେହି ମାର୍ଗରେ ରହିଛନ୍ତି।

ଭାରତ ବ୍ରିକ୍ସରେ ଯୋଗଦେବା ପାଇଁ ଦୁଇ ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଓ ବଙ୍ଗଳାଦେଶକୁ ନିମନ୍ତ୍ରଣ ନଦେଇ ଠିକ୍ କରିଥିଲା। ସନ୍ତ୍ରାସବାଦ ବିରୋଧୀ ବିଷୟଟିକୁ ଘୋଷଣାପତ୍ର ମାଧ୍ୟମରେ ସାମିଲ କରିବା ଏଥିପାଇଁ ସହଜ ହୋଇଛି। ଏହି ଦୁଇରାଷ୍ଟ୍ର ଏବେ ଇସଲାମିକ ଜଗତରେ ସନ୍ତ୍ରାସବାଦୀଙ୍କ ପାଇଁ କାରଖାନା ଖୋଲିଛନ୍ତି। ଦେଶର ସରକାରଙ୍କ ନିରବ ସମର୍ଥନ ପାଇବା ଯୋଗୁ ସେମାନେ ନିଜର କାୟା ବାହାରେ ବିସ୍ତାର କରିବାକୁ ସୁଯୋଗ ପାଉଛନ୍ତି।

କୂଟନୀତିକ ଦୃଷ୍ଟିରୁ ଦେଖିଲେ ଭାରତ ସବୁ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସହମତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ସହ ୨୦୨୦-୨୧ରେ ୨୦୩ ବିଲିଅନ ଡଲାରର ବ୍ୟବସାୟ କରିଥିଲା ବେଳେ ୨୦୨୫-୨୦୨୬ରେ ତାହା ୪୧୭ବିଲିଅନ ଡଲାରକୁ ଛୁଇଁଛି । ଭାରତ ଏହାକୁ ଆଦାମୀ ଦିନରେ ଢେର ଆଗକୁ ନେବ । ବିକାଶ, ବାଣିଜ୍ୟ, ଟେକ୍ନୋଲୋଜୀ ଉପରେ ଅଧିକ ଗୁରୁତ୍ୱାରୋପ କରି ଭାରତ ଏହି ସମ୍ମିଳନୀକୁ ସଫଳତା ଦିଗରେ ନେବାକୁ ସକ୍ଷମ ହୋଇପାରିଲା ଯେଉଁଥିପାଇଁ ପଶ୍ଚିମବିଶ୍ୱର ଏବେ ଚିନ୍ତା ବଢିଯାଇଛି। ଏକଦା ବ୍ରିକ୍ସକୁ ଗୁରୁତ୍ୱ ନ ଦେବାକୁ କହୁଥିବା ଲୋକେ ଏବେ ବ୍ରିକ୍ସର ସୁଦୃଢତା ଲକ୍ଷ୍ୟ କରି ଚିନ୍ତାରେ ପଡିଛନ୍ତି।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଜୀବନଠାରୁ ବଡ ନୁହେଁ ଡିଜେର ଶବ୍ଦ

**ସୌଭାଗ୍ୟ ରଂଜନ ମହାନ୍ତି**

ଉତ୍ସବ ହେଉ, ଆନନ୍ଦ ହେଉ, ବିଜୟ ଉତ୍ସବ ହେଉ କି ବିବାହ ଶୋଭାଯାତ୍ରା – ମଣିଷ ଖୁସି ପାଳନ କରିବ, ଏହା ସ୍ୱାଭାବିକ, କିନ୍ତୁ କାହାର ଖୁସି ଯଦି ଅନ୍ୟ ଜଣଙ୍କ ଜୀବନରେ ଯନ୍ତ୍ରଣା, ରୋଗ, ନିଦ୍ରାହୀନତା, ଭୟ କିମ୍ବା ମୃତ୍ୟୁର କାରଣ ହୁଏ, ତେବେ ସେହି ଖୁସିକୁ ଉତ୍ସବ କୁହାଯାଇପାରିବ କି । ଆଜି ଓଡ଼ିଶାର ଅନେକ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଏକ ଏପରି ସାମାଜିକ ସମସ୍ୟାର ରୂପ ନେଉଛି, ଯାହାକୁ କେବଳ ମନୋରଂଜନର ପ୍ରଶ୍ନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ମଣିଷର ଶାନ୍ତି, ସ୍ୱାସ୍ଥ୍ୟ, ନିରାପତା ଓ ଜୀବନର ଅଧିକାର ସହ ଜଡିତ ପ୍ରଶ୍ନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ମଣିଷକୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। ଏହି ଜୀବନ କେବଳ ଶ୍ୱାସ ନେବାର ନାମ ନୁହେଁ, ମର୍ଯ୍ୟାଦା, ଶାଁ ଓ ସୁସ୍ଥ ପରିବେଶରେ ବଂଚିବା ମଧ୍ୟ ଏହାର ଅଂଶ। ତେଣୁ କାହାର ଉତ୍ସବର ଶବ୍ଦ ଯଦି ଅନ୍ୟ ଜଣଙ୍କ ଘରର ଶିଶୁର ନିଦ୍ରା ଛଡାଇଦିଏ, ବୃଦ୍ଧଙ୍କ ରାତିକୁ ଯନ୍ତ୍ରଣାମୟ କରେ, ଅସୁସ୍ଥ ବ୍ୟକ୍ତିଙ୍କ କଷ୍ଟ ବଢାଏ ଛାତ୍ରଛାତ୍ରୀଙ୍କ ପଢାଶୁଣା ନଷ୍ଟ କିମ୍ବା ରାସ୍ତାରେ ଯାତାୟତକୁ ବିପଦପୂର୍ଣ୍ଣ କରେ, ତେବେ ସେହି ଶବ୍ଦ ବିରୋଧରେ ପ୍ରଶ୍ନ ଉଠିବା ଦରକାର। ଆଜି ସବୁଠାରୁ ବଡ ପ୍ରଶ୍ନ ହେଉଛି – ଆମେ କାହିଁକି ଆନନ୍ଦ ପାଇଁ ଅନ୍ୟର ଅଧିକାରକକୁ ଦଳିଦେବା । ଧର୍ମୀୟ କାର୍ଯ୍ୟକ୍ରମ ହେଉ, ବିବାହ ହେଉ, ପୂଜା ହେଉ, ବିଜୟ ଉତ୍ସବ ହେଉ କି ଅନ୍ୟ କୌଣସି ସାମାଜିକ ଆୟୋଜନ–କୌଣସି ଉତ୍ସବ ମଣିଷର ଜୀବନଠାରୁ ବଡ ହୋଇପାରେ ନାହିଁ। ଡିଜେର ଅତ୍ୟଧିକ ଶବ୍ଦକୁ ନେଇ ଅଭିଯୋଗ ନୂଆ ନୁହେଁ। କିଁନ୍ତୁ ସମସ୍ୟା ତେବେ ଗୁରୁତର ହୁଏ, ଯେତେବେଳେ ଅଭିଯୋଗ ପରେ ମଧ୍ୟ ଶବ୍ଦ କମେ ନାହିଁ, ନିୟମ ଭାଙ୍ଗିବା ବନ୍ଦ ହୁଏ ଏବଂ ଦାୟିତ୍ୱଶୀଳ ସଂସ୍ଥାମାନଙ୍କ ଉପସ୍ଥିତି ଥିଲେ ମଧ୍ୟ ନିୟମର ପ୍ରଭାବୀ ପ୍ରୟୋଗ ଦେଖାଯାଏ ନାହିଁ। ଆଇନ ଯଦି କାଗଜରେ ରହିଯାଏ ଏବଂ ରାସ୍ତାରେ ତାହାର ପ୍ରଭାବ ଦେଖାଯାଏ ନାହିଁ, ତେବେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କିପରି ରହିବ । ଏଠାରେ କେବଳ ଡିଜେ ଚାଳକଙ୍କ ଦାୟିତ୍ୱ ନୁହେଁ, ଆୟୋଜକ, ଶୋଭାଯାତ୍ରାର ଦାୟିତ୍ୱରେ ଥିବା ବ୍ୟକ୍ତି, ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ସମାଜ-ସମସ୍ତଙ୍କର ଦାୟିତ୍ୱ ରହିଛି। ଶବ୍ଦର ସୀମା ଅଛି, ସମୟର ସୀମା ଅଛି, ସ୍ଥାନର ସୀମା ଅଛି। ଏହି ସୀମାକୁ ଅଣଦେଖା କରି ରାତି ଗଭୀର ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ବାଦ୍ୟ ବଜାଇବାକୁ ଯଦି ସାଧାରଣ ଘଟଣା ବୋଲି ମାନିନିଆଯାଏ ତେବେ ଆମେ ଧୀରେ ଧୀରେ ଏପରି ସମାଜ ଗଢୁଛୁ, ଯେଉଁଠାରେ ଅନ୍ୟର ଅସୁବିଧା ପ୍ରତି ଆମର ସମ୍ବେଦନା ଶେଷ ହୋଇଯାଉଛି। ଏହାଠାରୁ ବଡ ବିପଦ ଆଉ କ'ଣ ହୋଇପାରେ ।(କ୍ରମଶଃ)

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧ , ଗାଙ୍ଗୋତ୍ରୀ ନଗର,

# ପୁନର୍ବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଭବ୍ୟ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧୦(ନି.ପ୍ର.): ଓଡିଆ ସିନେମାର ଗୌରବଜ୍ଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଆଜି ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡିଓକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍ ?ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା



ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ଏବଂ ଓଡିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡିଥିଲା।

ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।ଏହି ଲୋକାର୍ପଣ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ୍ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।ଏହି ଅବସରରେ ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଡ଼ରଉଉ)ର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ମୁକ୍ତ ପଞ୍ଚାୟତ ପାଇଁ ଝଗରପୁରରେ ପଦଯାତ୍ରା

ରାଜଗାଙ୍ଗପୁର,୬।୧୦: ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଝଗରପୁର ଗ୍ରାମ ପଞ୍ଚାୟତକୁ ନିଶା ମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବଡ଼ପଦକ୍ଷେପ ନିଆଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମ ସଭାରେ ସର୍ବସମ୍ମତି କ୍ରମେ ସଂକଳ୍ପ ପାରିତ ହୋଇଥିଲା ଯେ, ପଞ୍ଚାୟତ ଅଞ୍ଚଳରେ ବେଆଇନ ଦେଶୀ ମଦ ଓ ବିଦେଶୀ ମଦ ବିକ୍ରିତୁରନ୍ତ ବନ୍ଦ କରାଯିବ। ଏହି ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସରପଞ୍ଚ ଲଳିତ ଲାକଡାଙ୍କ ନେତୃତ୍ୱରେ ନାଇବ ସରପଞ୍ଚ ସଂଘୁଲ୍ଲା କୁଅଁର, ଓ୍ୱାର୍ଡମେମ୍ବର ନଳିନୀ ପାତ୍ର, ଶତାବ୍ଦୀକ ମହାନ୍ତି, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ଗ୍ରାମବାସୀ ପଦଯାତ୍ରାରେ ସାମିଲ ହୋଇ ଗାଁ ଗାଁ ବୁଲି 'ନିଶା ମୁକ୍ତ ଝଗରପୁର ଗଢ଼ିବା, ବେଆଇନ ମଦ ବିକ୍ରି ବନ୍ଦ କର' 'ଆଜିର ଯୁବକ ଶପଥ କର, ନିଶା କାରବାର ବନ୍ଦ କର' ବୋଲି ନାରା ଦେଇଥିଲେ। ପଦଯାତ୍ରା ମାଧ୍ୟମରେ ମଦ ବିକ୍ରେତାଙ୍କୁ ଚେତାବନୀ ଦିଆଯାଇଛି ଯେ, ସଂକଳ୍ପ ଉଲ୍ଲଙ୍ଘନ କଲେ ଗ୍ରାମ ସଭା ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ସହ ପ୍ରଶାସନକୁ ଅବଗତ କରାଯିବ।

## ରାଜଗାଙ୍ଗପୁର ନୂତନ ପଦାଧିକାରୀ ଙ୍କୁ ଭବ୍ୟ ସ୍ୱାଗତ

ରାଜଗାଙ୍ଗପୁର୬।୧୦: ରାଜଗାଙ୍ଗପୁର ସୁବାଷ ଛକ ନିକଟରେ ଥିବା କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ ଉପ ସଭାପତି ରାଜନୈତିକ ବ୍ୟାପାର ସଦସ୍ୟ ତଥା ରାଜଗାଙ୍ଗପୁର ବିଧାନସଭା ର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ଙ୍କ ଦ୍ୱାରା ନବ ନିଯୁକ୍ତି ପାଇଥିବା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଇକବାଲ ମଲ୍ଲିକ୍, ଆଲବର୍ଟ କିଣ୍ଡୋ ସୁନ୍ଦରଗଡ଼ ଜିଲ୍ଲା ମହିଳା କଂଗ୍ରେସ ସମ୍ପାଦକ ଆଶମା ଖାତୁନ ରାଜଗାଙ୍ଗପୁର ମହିଳା କଂଗ୍ରେସ ସଭାପତି ସୁସ୍ମିତା ତିଡୁ ଜିଲ୍ଲା ସେବା ଜଳ ସଭାପତି ଶମ୍ଭୁ ସିଂ ଓ ଅନ୍ୟାନ୍ୟ ସଦସ୍ୟ ଙ୍କୁ ମାନ୍ୟବର ବିଧାୟକ ଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇ ଦଳର ଆଦର୍ଶ ନୀତି ନିୟମ ସମସ୍ତ ଙ୍କୁ ନେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ଏହି ଅବସରରେ ଟାଉନ କଂଗ୍ରେସ ସଭାପତି ତଥା ବିଧାୟକ ପ୍ରତିନିଧି ଦେବରଞ୍ଜନ ବିନୋଦ ବ୍ଲକ




ପ୍ରତିନିଧି ଅରୁଣ ସାମଳ ବରିଷ୍ଠ ନେତା ସୁରେଶ ବାରିକ ବିନୟ ଭୂଷଣ ବାର୍ଲା ଯୁବ ନେତା ସୁଧାଂଶୁ ସାହୁ ସୁମିତ୍ରା ବାର୍ଲା ଙ୍କ ସହ ବହୁ ଦଳର ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

## ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର,୬।୧୦(ନି.ପ୍ର.):ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ ?କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ।

ନିମ୍ନଲିଖିତ ଟ୍ରେନ୍ ?ଗୁଡ଼ିକ ବାତିଲ ରହିବ:ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ।

୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍ ?ଗୁଡ଼ିକ ବାତିଲ ରହିବ: ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା-କିରଣ୍ଡୁଳ ଏକ୍ସପ୍ରେସ, ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଳ-ବିଶାଖାପାଟଣା ଏକ୍ସପ୍ରେସ ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା - ଜଗଦଲପୁର ଏକ୍ସପ୍ରେସ, କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ।

ଟ୍ରେନ୍ ନମ୍ବର ୧୮୦୦୫ ହାଓ୍ୱଡା-ଜଗଦଲପୁର ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାଓ୍ୱଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ।

ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର-ହାଓ୍ୱଡା ଏକ୍ସପ୍ରେସ, ୧୦ ଅକ୍ଟୋବରରୁ ୧୪ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତ ? କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ।

ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୧ ବିଶାଖାପାଟଣା-କିରଣ୍ଡୁଳ ପାସେଞ୍ଜର , ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ।

ଟ୍ରେନ୍ ନମ୍ବର ୫୮୫୦୨ କିରଣ୍ଡୁଳ-ବିଶାଖାପାଟଣା ପାସେଞ୍ଜର , ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ କିରଣ୍ଡୁଳ ପରିବର୍ତ୍ତ ? କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍ ?ର ସେବା ବାତିଲ ରହିବ।

ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ଓ୍ୱେବସାଇଟ୍ ଯାଞ୍ଚ କରିପାରିବେ।

## ୪୮୦ କିଲୋଓ୍ୱାଟ୍ ପିକ୍ରୁ ଅଧିକ ସୌର ଶକ୍ତି କ୍ଷମତା ସହ ସବୁଜ ଶକ୍ତିର ବ୍ୟବହାରକୁ ସୁଦୃଢ଼ କରୁଛି ପୂର୍ବ ତଟ ରେଳପଥ

ଭୁବନେଶ୍ୱର,୬।୧୦: ପୂର୍ବତଟ ରେଳପଥ ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଶକ୍ତି ସଂରକ୍ଷଣ ଓ କାର୍ବନ ନିର୍ଗମନ ହ୍ରାସ ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛି। ଏହି କ୍ରମରେ, ପୂର୍ବତଟ ରେଳପଥର ବିଭିନ୍ନ ରେଳ ପ୍ରତିଷ୍ଠାନରେ ମୋଟ ୪୮୬.୮୪ କିଲୋଓ୍ୱାଟ୍ ? ପିକ୍ (ଲଡକ୍ସ) ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ରେଳ ପରିଚାଳନାରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଖୋର୍ଦ୍ଧା ରୋଡ ଡିଭିଜନରେ ସର୍ବାଧିକ ୩୨୬.୮୪ ଲଡକ୍ସ, ସମ୍ବଲପୁର ଡିଭିଜନରେ ୧୫୦ ଲଡକ୍ସ ଏବଂ ରାୟଗଡା ଡିଭିଜନରେ ୧୦ ଲଡକ୍ସ ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି ।

ଏହା ବ୍ୟତୀତ, ପୂର୍ବ ତଟ ରେଳପଥର ୨୩୨ଟି ରେଳ ଷ୍ଟେସନରେ ରୁଫଟପ୍ ସୋଲାର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ରୋଡ ଡିଭିଜନର ୧୧୦ଟି, ସମ୍ବଲପୁର ଡିଭିଜନର ୬୮ଟି ଏବଂ ରାୟଗଡା ଡିଭିଜନର ୫୪ଟି ଷ୍ଟେସନ ରହିଛି। ଷ୍ଟେସନଗୁଡିକରେ ସୌର ଶକ୍ତିର ବ୍ୟବହାର ଦ୍ୱାରା ରେଳ ପରିଚାଳନାରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ପୂର୍ବ ତଟ ରେଳପଥର ପ୍ରୟାସକୁ ଆହୁରି ସୁଦୃଢ଼ କରୁଛି।

ଏହି ସୌର ଶକ୍ତି ବ୍ୟବସ୍ଥାଗୁଡିକ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରଖୁଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ୬୬,୦୨,୭୦୭.୯୮ ୟୁନିଟ୍ ସୌର ଶକ୍ତି ଉତ୍ପାଦନ ରେକର୍ଡ କରାଯାଇଛି। ସୌର ଶକ୍ତିର ଏହି ବର୍ଦ୍ଧିତ ବ୍ୟବହାର ପାରମ୍ପରିକ ବିଦ୍ୟୁତ ଉତ୍ସ ଉପରେ ପୂର୍ବ ତଟ ରେଳପଥର ନିର୍ଭରଶୀଳତା ହ୍ରାସ କରିବା ସହିତ ଏହାର ବିଭିନ୍ନ ପ୍ରତିଷ୍ଠାନରେ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରୁଛି।

ସୌର ଶକ୍ତିର ବ୍ୟବହାର ଦ୍ୱାରା ପୂର୍ବତଟ ରେଳପଥ ଉଲ୍ଲେଖନୀୟ ଆର୍ଥିକ ସଞ୍ଚୟ ହାସଲ କରୁଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସୌର ଶକ୍ତି ଉତ୍ପାଦନ ଯୋଗୁଁ ପ୍ରାୟ ୪.୫୧ କୋଟି ଟଙ୍କା ସଞ୍ଚୟ ହୋଇଛି। ସୌର ଶକ୍ତିର ବ୍ୟବହାର ଦ୍ୱାରା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହିତ ଶକ୍ତି ବ୍ୟୟ ହ୍ରାସ ଓ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଉଲ୍ଲେଖନୀୟ ଲାଭ ମିଳୁଛି।

## କାହା ସ୍ୱାର୍ଥରେ ମେଗା ପାନୀୟଜଳ ପ୍ରକଳ୍ପ

ଗୋପ: ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁର ପଞ୍ଚାୟତରେ ଆଣ୍ଠେଇଛି ମେଗା ପାନୀୟ ଜଳ ପ୍ରକଳ୍ପ. ଠିକାସଂସ୍ଥାକୁ ଲାଗିଲାଣି ବର୍ଷବର୍ଷ କେବେ ସରିବ ପ୍ରକଳ୍ପ କହି ପାରୁନାହାନ୍ତି ଦାୟିତ୍ୱରେ ଥିବା ଅଧିକାରି ସରକାରଙ୍କ ଲୋକଭିମୁଖୀ ଯୋଜନାକୁ ୨୦୨୬ ଶେଷ ସୁଦ୍ଧା ଗ୍ରାମାଞ୍ଚଳ ଲୋକଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ସୁବିଧା ନିମନ୍ତେ ସରକାର ଜୋରଦାର ଚେଷ୍ଟା କରୁଥିବାବେଳେ ଖାମଖିଆଲି ଅଧିକାରି ମାନେ ବାଟ ଓଗାଳିଛନ୍ତି । ଆସନ୍ତା ୨୦୨୯ ସୁଦ୍ଧା ଗ୍ରାମାଞ୍ଚଳରେ ଲୋକ ମାନେ ପାଣି ପାଇବେ ନାହିଁ । ।ଏହା ସତ୍ତ୍ୱେ ନିର୍ମାଣ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି କାହା ସ୍ୱାର୍ଥ ପାଇଁ ବର୍ଷବର୍ଷ ଧରି ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ବଡ଼ ଦୁଃଖ ଓ ପରିତାପର ବିଷୟ ଯେତିକି ପାଣି ଟାଙ୍କି ନିର୍ମାଣ ହୋଇଛି, ସେଥିରୁ ଅଧିକାଂଶ ଟାଙ୍କି ନିମ୍ନମାନ ର ବୋଲି ଅଭିଯୋଗ ହେଉଛି. ନିମ୍ନମାନର ବାଲି, ସିମେଣ୍ଟ, ରଡ଼ ଓ ପୁରା କମ ଭାଗ ରେ ମସଲା ତିଆରି ହୋଇ କାମ ଚାଲିଛି ଏବଂ କେତେବେଳେ ପାଣି ଟାଙ୍କି ମାଟି ତଳେ ମିଶି ଯାଇପାରେ ତାହା ସାଧାରଣରେ ତ୍ରୀବ ଆଲୋଚନା ଚାଲିଛି।

### ଜିଲ୍ଲା କଂଗ୍ରେସର ସମ୍ବାଦିକ ସମ୍ମିଳନୀ

## ଓଡିଶାବନ୍ଦକୁ ନେଇ ସଫଳ କରିବାର ନିବେଦନ

କୋରାପୁଟ,୬।୧୦: ଆମ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଓଡିଶାର ନାଗରିକମାନଙ୍କୁ ସଚେତନ କରିବା ସହ ଏକତ୍ରିତ ହୋଇ ଚଳିତ ଅକ୍ଟୋବରମାସ ୮ ତାରିଖରେ ଓଡିଶା ବନ୍ଦ ଡାକରାକୁ ସଫଳ କରିବା ନେଇ କଂଗ୍ରେସ ବିଧାୟକ ଦଳର ନେତା ଜିଲ୍ଲାର କଂଗ୍ରେସ କର୍ମି ଓ ନେତାମାନଙ୍କୁ ନେଇ ସୁନାବେଡା ପ୍ରେସକ୍ଲବ ଠାରେ କଂଗ୍ରେସର ଜିଲ୍ଲା ସଭାପତି ଆହ୍ୱାନରେ ଏକ ସମ୍ବାଦିକ ସମ୍ମିଳନି ମାଧ୍ୟମରେ ସୂଚନା ଦେଇଥିବା ଜଣାଯାଇଛି !

ସୂଚନାରୁ ପ୍ରକାଶ , ଯେ କଂଗ୍ରେସ ବିଧାୟକ ଦଳର ନେତା ତଥା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳିର ବିଧାୟକ ଶ୍ରୀଯୁକ୍ତ ରାମ ଚନ୍ଦ୍ର କାଡାମ ଗଣ ମାଧ୍ୟମକୁ ସୂଚନାରେ ଆମେ ଇଣ୍ଡିଆ ବ୍ଲକର ଆଂଶିଦାର ଦଳ ସମୂହ ଅଟୁ, ଜିଲ୍ଲାର ସମସ୍ତ ଜନସଧାରଣଙ୍କୁ ଆସନ୍ତା ୮ ତାରିଖ ଦିନ ଶାନ୍ତି ପୂର୍ଣ୍ଣ ବନ୍ଦ ଡାକରା ପୂର୍ଣ୍ଣ ସମର୍ଥନ ଜଣାଇ ସାମିଲ ହେବା ଓ ରାଜ୍ୟର ଆର୍ଥିକ ଅଧିକାର, ଦେଶର ଗଣତାନ୍ତ୍ରୀକ ଅନୁଷ୍ଠାନ, ଆମ ପିଲାଙ୍କ ଭବିଷ୍ୟତ ଉପରେ ହେଉଥିବା ନିରନ୍ତନ ଆକ୍ରମଣ ଏବଂ ଚଳିତ ବନ୍ୟାରେ ରାଜ୍ୟସରକାରଙ୍କ ଉଦାସୀନତା ବିରୋଧରେ ସାମୂହିକ ପ୍ରତିବାଦ କରିବା ନେଇ ସ୍ଥାନୀୟ ସମସ୍ତ ଜନ ସଧାରଣଙ୍କ ସାହାଯ୍ୟ ନିହାତି ରହିଥିବା ନେଇ ସମ୍ବାଦିକସମ୍ମିଳନୀ ମାଧ୍ୟମରେ ଅନୁରୋଧ କରାଯାଇଥିବା ନେଇ କହିଛନ୍ତି !ସେହିପରି ଏମଏମଡିଆର ସଂଶୋଧିତ ଅଧିନିୟମତୁରନ୍ତ ରଦ୍ଦ କରି ସଂଶୋଧନ ଆଇନ ୨୦୨୬କୁ ବାତିଲ କରିବା, ସିଇସି ଜ୍ଞାନେଶ କୁମାର ବହିଷ୍କାର ଓ ଗିରଫଦାବି, ଏସ.ଆଇ.ଆର୍. ପ୍ରତ୍ୟାହାର , ପ୍ରଥମ ଶ୍ରେଣିରୁ ଅଷ୍ଟମ ଶ୍ରେଣି ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୭୪୧ ଟି ଗୁରୁତର ଏବଂ ଲଜ୍ଜାଜନକ ଭୁଲ୍ ଛପା ଯିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବୀଷ୍ୟତ ସହ ଖେଳିବା । ଚତୁର୍ଥ ଗତ ତିନି ମାସ ଧରି ଓଡିଶା ଉଭୟ ମୌସୁମି ଓ ଲଘୁଚାପ ଜନୀତ ବର୍ଷା ଏବଂ ଲଗାତାର ବନ ଯୋଗୁଁ ଧ୍ୱଂସ ବିଧ୍ୱଂସ ହୋଇଛି ରାଜ୍ୟର ବିଭିନ୍ନ ଜିଲ୍ଲା, ପୌରାଞ୍ଚଳର ଗ୍ରାମ ବନ୍ୟାଦ୍ୱାରା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହୋଇଛନ୍ତି ସେମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ଓ ଆଶୁ ରିଲିଫ ଯୋଗାନରେ ଦୟନୀୟ ବିଫଳ ହେବା ଭଳି କାର୍ଯ୍ୟକୁ ନେଇ ଆମର ନ୍ୟାର୍ଯ୍ୟଦାବିକୁ ହାସଲକରିବା ନେଇ ଆମକୁ ଲଢ଼ିବାକୁ ହେବ।

ସେଥି ପାଇଁ ଆସନ୍ତା ଅକ୍ଟୋବର ମାସ ୮ ତାରିଖରେ ହେଉଥିବା ଓଡିଶା ବନ୍ଦ ଡାକରା ପ୍ରତି ସକ୍ରୀୟ ସମର୍ଥନ ରହିବା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ରହିଛି, ନିଜ ବକ୍ତବ୍ୟରେ ଶ୍ରୀ କାଡାମ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି ଗୁଡିକୁ ଯଦି ବର୍ତ୍ତମାନ ଅଟକା ନ ଯାଏ ତେବେ ଓଡିଶାରେ ବ୍ୟାପକ ଆର୍ଥିକ କ୍ଷତି ସହିବା ସହିତ ଆମର ଅର୍ଥନୀତିକୁ ପଙ୍ଗୁ କରିଦେବ, ଅନ୍ୟ ପକ୍ଷରେ ଓଡିଶା ଅସ୍ମିତାକୁ ବଞ୍ଚାଇବା ପାଇଁ ସମସ୍ତ ବ୍ୟବସାୟି, ପରିବହନ କର୍ମଚାରି, ଯୁବ ସମାଜ, ମହିଳା, ସବୁବର୍ଗର କର୍ମଜୀବି, ଖଟିଖିଆ ଏବଂ ସର୍ବସାଧରଣଙ୍କୁ ଇଣ୍ଡିଆବ୍ଲକ ସହହାତ ମିଶାଇ ଏହି ଶାନ୍ତିପୂର୍ଣ୍ଣ ଓ ଐତିହାସିକ ବନ୍ଦକୁ ସଫଳ କରିବା ନେଇ ନିବେଦନ କରିଥିଲେ ! ସମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳର ନେତା ଙ୍କ ସହିତ କଂଗ୍ରେସକମିଟିର "ଜିଲ୍ଲା ସଭାପତି ରୂପକ ତୁରୁକ୍". ପୂର୍ବତନ ବିଧାୟକ ମାଲକାନଗିରି ନିମାଇ ସରକାର, ସ୍ଥାନୀୟ ସୁନାବେଡା ନଗର କଂଗ୍ରେସର ସଭାପତି ଦିବାନ କୁଳଦିପ୍ , ସୁନାବେଡା ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର କର, ସୁନାବେଡା ନଗର ଉପ୍ସଭାପତି ଦୁଶା ବାରିକ, ସମ୍ପାଦକ ମହେଶ ଚେଟି ଓ କର୍ମି ବିଜୟ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମଧ୍ୟପ୍ରଦେଶ ସ୍ଥିତ ଇନ୍ଦୋର ଠାରେ ଆୟୋଜିତ ଜାତୀୟ ସ୍ତରୀୟ ତାଇକୋଣ୍ଡୋ

ଚଣ୍ଡିଖୋଲ/ଧର୍ମଶାଳା, ଯାଜପୁର : ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଚମ୍ପିୟାନସିପରେ ସାରା ଭାରତ ବର୍ଷ ରୁ ୯୭୪ ଜଣ ବାଳକ ବାଳିକା ତାଇକୋଣ୍ଡୋ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏଥି ମଧ୍ୟରୁ ଓଡିଶା ରୁ ୫୨ ଜଣ ଖେଳାଳି ଅଂଶ ଗ୍ରହଣ କରିଥିବା ବେଳେ ଯାଜପୁର ଜିଲ୍ଲା ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀରୁ ୪ ଜଣ ଖେଳାଳି ଅଂଶ ଗ୍ରହଣ କରି ଚମତ୍କାର ପଦର୍ଶନ କରି ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । (କ୍ୟୁରୁଗୀ) ୫୯ କେ.ଜି ଜୁନିଅର ବାଳକ ବିଭାଗର ଓମ୍ ପ୍ରକାଶ ସାମଲ ଚମତ୍କାର ପଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି (ପୂମସେ ) ସବଜୁନିୟର ବାଳକ ବିଭାଗର ନୀତେଶ ସାହୁ ରୌପ୍ୟ ପଦକ , ଜୁନିୟର ବାଳିକା ବିଭାଗ ର ଶ୍ରେୟାଶ୍ରୀ ରାୟ ପେୟାର ପୂମସେ ରେ କାଂସ୍ୟ ପଦକ ଓ ଜୁନିଅର ବାଳକ ବିଭାଗର ଇଣ୍ଡିଭିଜୁଆଲ ପୂମସେ ଓ ଟିମ ପୂମସେ ରେ ଶୁଭ୍ରାଂଶୁ ସାହୁ ୨ଟି କଂସ୍ୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟକୁ ଗୌରବର୍ଣୀତ କରିଛନ୍ତି। ଖେଳାଳି ମାନ କୃତିତ୍ୱକୁ ନେଇ ଖେଳାଳି ମାନଙ୍କ ଶୁଭେଚ୍ଛୁ ଓ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଖେଳାଳି ମାନଙ୍କ ସଫଳତା ପରେ ପ୍ରଶିକ୍ଷକ ସମର ସିଂହ, ଓଡିଶା ତାଇକୋଣ୍ଡୋ ଆସୋସେସନର ସମ୍ପାଦକ ମନମୋହନ ଭଞ୍ଜ ,ଯାଜପୁର ତାଇକୋଣ୍ଡୋ ଆସୋସେସନର ସାଧାରଣ ସମ୍ପାଦକ ଯଯାତି କେଶରୀ ଧଳ ,ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ସଭାପତି ସନ୍ତୋଷ କୁମାର ସାହୁ ,ଉପସଭାପତି ସୁଶାନ୍ତ କୁମାର ବେହେରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇବା ସହ ଖେଳାଳି ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ରାଜଗାଙ୍ଗବପୁର କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ରାଜଗାଙ୍ଗପୁର,୬।୧୦: ଆସନ୍ତା ୮ ଅକ୍ଟୋବର ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ରାଜଗାଙ୍ଗପୁର କଂଗ୍ରେସ କମିଟି ସଭାପତି ତଥା ବିଧାୟକ ପ୍ରତିନିଧି ଦେବରଞ୍ଜନ ବିନୋଦ ଙ୍କ ଅଧ୍ୟକ୍ଷତାରେ ସୁବାଷ ଛକ ନିକଟରେ ଥିବା କଂଗ୍ରେସ ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଇକବାଲ ମଲ୍ଲିକ ରାଜଗାଙ୍ଗପୁର ମହିଳା କଂଗ୍ରେସ ସଭାପତି ସୁସ୍ମିତା ତିଡୁ



କାଉନସିଲର ସୁମିତ୍ରା ବାର୍ଲା ଯୁବ ନେତା ଏଥଶାମ ଅହମ୍ମଦ ଶସି ଭୁଷଣ ଚୈରେସିଆ ସୁଧାଂଶୁ ସାହୁ ଜୟ ପ୍ରକାଶ ବାଦି ଏମିତି ଟୋନି ବାବୁ ଶାଦ ବସନ୍ତ ସାହୁ ଆମର ପାତ୍ର ଙ୍କ ସହ ବହୁ କଂଗ୍ରେସ ନେତା କର୍ମୀ ଙ୍କ ଉପସ୍ଥିତି ରେ ଜିଲ୍ଲା ସ୍ତରୀୟ ଗଣତନ୍ତ୍ର ବଞ୍ଚାଅ ସପ୍ତାହ ପାଳନ କାର୍ଯ୍ୟକ୍ରମ ଜରିଆରେ ଏମ ଏମ ଡି ଆର ଆଇନ ରଧ କର ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ ଜ୍ଞାନେଶ କୁମାର ଇସ୍ତଫା ଦିଅ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଦିଅ ଚାରି ଦଫା ଦାବି ନେଇ ଆସନ୍ତା ଅକ୍ଟୋବର ୮ ତାରିଖ ଦିନ କଂଗ୍ରେସ ନେତା କର୍ମୀ ଓ ସାଧାରଣ ନାଗରିକ ରାଜରାସ୍ତାକୁ ଓହ୍ଲାଇବେ ଏବଂ ରାଜଗାଙ୍ଗପୁର ସହର ର ସମସ୍ତ ଦୋକାନ ବଜାର ବ୍ୟାଙ୍କ ଶିକ୍ଷାନୁଷ୍ଠାନ ବସ୍ ଟ୍ରକ୍ ଛୋଟ ବଡ଼ ଗାଡ଼ି ୧୨ ଘଣ୍ଟିଆ ବନ୍ଦ କରାଯିବ ବୋଲି ସୁଚନା ଦିଆଯାଇଥିଲା। ଏଥିରେ ମହିଳା ଛାତ୍ର ଯୁବକ କଂଗ୍ରେସ ସହ ସେବା ଦଳ ର ବହୁ ସକ୍ରିୟ ସଦସ୍ୟ ସାମିଲ ହୋଇ ଓଡ଼ିଶା ବନ୍ଦ ସମ୍ବନ୍ଧରେ ବିସ୍ତୃତ ଭାବରେ ଜନସାଧାରଣ ଙ୍କୁ ଅବଗତ କରାଇବେ ବୋଲି ସୁଚନା ମିଳିଛି।

## 'ପୋଷଣ ପଦଯାତ୍ରା' ଅନୁଷ୍ଠିତ

ଜଗତସିଂହପୁର,୬।୧୦: ୯ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ ଅବସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ 'ପୋଷଣ ପଦଯାତ୍ରା' (ସଚେତନତା ଶୋଭାଯାତ୍ରା) ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାତୃ ଓ ଶିଶୁ ପୋଷଣ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଟି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ପଡ଼ିଆ ରୁ ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା।

ଏହି କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରର ଅନେକ ମୁଖ୍ୟ ଅଂଶଗ୍ରହଣକାରୀ ଭାବେ ଅଙ୍ଗନବାଡ଼ି କର୍ମୀ , ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ଏବଂ କିଶୋରୀ ବାଳିକା ସାମିଲ



ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ), ସଦର ସିଡିପିଓ), ଲେଡି ସୁପରଭାଇଜର, DSWO କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ମିଶନ ଶକ୍ତିର DPA ଓ BPC ପ୍ରମୁଖ ଶୋଭାଯାତ୍ରା ରେ ଯୋଗ ଦେଇଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
**Editor : Sarat Raut**
ସଂପାଦକ: ଶରତ ରାଉତ